● ହେମନ୍ତ ସୋରେନଙ୍କ ଗିରଫ ଘଟଣା

## ଜିଲ୍ଲାବ୍ୟାପୀ ପ୍ରତିବାଦ କରିବ ଜେଏମ୍ଏମ୍

**ବାରିପଦା, ୧।୨(ସମିସ):** ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମିଥ୍ୟା ଅଭିଯୋଗରେ ଇଡି ଦ୍ୱାରା ଗିରଫ କରାଯାଇଥିବା ଅଭିଯୋଗ କରି ଜିଲ୍ଲାବ୍ୟାପୀ ଶୁକ୍ରବାର ଜେଏମଏମ ୧୨ଘଣ୍ଟିଆ ପ୍ରତିବାଦ କରିବ। ଏ ନେଇ ଜେଏମଏମ ପକ୍ଷରୁ ମୁଖପାତ୍ର ଶିବାଜୀ ମୌଳିକ ଗୁରୁବାର ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ଆଦିବାସୀ ଜମି ଦୁର୍ନୀତିରେ ଜଡିତ ଥିବା ମିଥ୍ୟା ଅଭିଯୋଗ ବିଜେପି ପକ୍ଷରୁ କରାଯାଇଛି ବୋଲି ଜେଏମଏମ ପକ୍ଷରୁ କୁହାଯାଇଛି। ଯାହାକୁ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ତେଣୁକରି ଜିଲ୍ଲାବ୍ୟାପୀ ଅସନ୍ତାକାଲି ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବ। ପ୍ରତିବାଦକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଜେଏମଏମ ପକ୍ଷରୁ ପୂର୍ବତନ ଜିଲ୍ଲା ସଭାପତି ବାବଲୁ ମୁର୍ମୁ ନିବେଦନ କରିଛନ୍ତି।

## ଡିପାସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବାରିପଦା, ୧।୨(ସମିସ):** ପୌର ପରିଷଦର ୧୧ନମ୍ବର ୱାର୍ଡସ୍ଥିତ ଡିପାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷାଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଉତ୍ସବରେ ନହରପଦା କ୍ଲଷ୍ଟରର ସିଆରସିସି କନକଲତା ମାଝୀ ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଥମିକ ଶିକ୍ଷା ହିଁ ମଣିଷ ଜୀବନର ମୂଳଦୁଆ। ତେଣୁ ପ୍ରାଥମିକ ଶିକ୍ଷା ସୁଦୃଢ ହେଲେ ପିଲା ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀମତୀ ମାଝୀ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଖୋରାକ୍ ଯୋଗାଇଥାଏ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିରଣ ସାହୁଙ୍କ ସମେତ ସହକାରୀ ଶିକ୍ଷୟିତ୍ରୀ ନିରୂପମା ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୀନାକୁମାରୀ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରିଚାଳନା ସମିତିର ଉପସଭାପତିଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ ବାର୍ଷିକ କ୍ରୀଡା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ବିଭିନ୍ନ ଅସୁବିଧା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୁଦ୍ର ଚଳଚ୍ଚିତ୍ରରେ ଚମକିଲେ ମୟୂରଭଞ୍ଜର ବାଳକ

### ଶ୍ରେଷ୍ଠ ଶିଶୁ କଳାକାର ଭାବେ ତୋଫାନ ପୁରସ୍କୃତ



**ବାରିପଦା, ୧।୨(ସମିସ):** ଜାତୀୟ ସ୍ତରରେ କ୍ଷୁଦ୍ର ଚଳଚ୍ଚିତ୍ରରେ ମୟୂରଭଞ୍ଜ ଜିଲ୍ଲାର ପୁଅ ଚମକିଛନ୍ତି। ନିଖୁଣ ଅଭିନୟ ପାଇଁ ଶ୍ରେଷ୍ଠ ଶିଶୁ କଳାକାରଭାବେ ଜିଲ୍ଲାର ପୁଅ ତୋଫାନ ସୋରେନ ପୁରସ୍କୃତ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ କଳା ସଂସ୍କୃତିକୁ ନେଇ ହୋଇଥିବା କ୍ଷୁଦ୍ର ଚଳଚ୍ଚିତ୍ରକୁ ନେଇ କଲକାତାଠାରେ ଅନୁଷ୍ଠିତ ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ ଶିଶୁ କଳାକାର ଭାବେ ସେ ପୁରସ୍କୃତ ହୋଇଛନ୍ତି। ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ଲୋକକଳାକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର 'ପପେୟା-୨୦୨୩'ରେ ନିର୍ମିତ ହୋଇଥିଲା। ଯେଉଁଥିରେ କି ବାରିପଦା ବ୍ଲକ ଅନ୍ତର୍ଗତ ବାଙ୍କିଶୋଳ ପଞ୍ଚାୟତର ତଳଡିହା କଲୋନୀ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀର ଛାତ୍ର ତୁଫାନ ସରେନ (୧୧) ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। କଲକାତାଠାରେ ୨୦୨୩-୨୪ବର୍ଷ ପାଇଁ ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶରୁ ୨୭୦ଟି କ୍ଷୁଦ୍ର ଚଳଚ୍ଚିତ୍ର ସ୍ଥାନ ପାଇଥିଲା। ସେଥି ମଧ୍ୟରେ ପପେୟା କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ସ୍ଥାନ ପାଇଥିଲା। ଉକ୍ତ କ୍ଷୁଦ୍ର ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ତୋଫାନ ସୋରେନ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଥି ସହିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ପାଇଁ ମନୋନୀତ ମଧ୍ୟ ହୋଇଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଉପମା ସେନାପତି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

● ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

# ଦ୍ୱାରଶୁଣୀ ଘାଟି ପ୍ରଶସ୍ତିକରଣକୁ ଗୁରୁତ୍ୱ

ବାରିପଦା, ୧।୨(ସମିସ)




ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନେଇ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ବାଙ୍ଗିରିପୋଷିର ଦ୍ୱାରଶୁଣି ଘାଟି ରାସ୍ତାର ପ୍ରଶସ୍ତିକରଣ ଏବଂ ସୁରକ୍ଷା ବ୍ୟବସ୍ଥା, ଚାକିଡି ପଞ୍ଚାୟତର ବିଦ୍ୟୁତିକରଣ, ବ୍ରାହ୍ମଣ ଗାଁ ପଞ୍ଚାୟତର ଟେଲିଫୋନ ଟାୱାର ତଥା ବାଙ୍ଗିରିପୋଷିର ତାଳବନ୍ଧ-ଚହଲା ରାସ୍ତାକୁ ପର୍ଯ୍ୟଟକଙ୍କ ଚଳପ୍ରଚଳ ପାଇଁ ସୁବିଧା ଉପଲବ୍ଧ କରିବା ନିମିତ୍ତ ସମୀକ୍ଷା ହୋଇଥିଲା। ଜିଲ୍ଲାର ମୂଳ ଅଧିବାସୀଙ୍କ ମୌଳିକ ସୁବିଧାଗୁଡିକୁ ଦୃଷ୍ଟିରେ ରଖି ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ପାଇଁ ଆଲୋଚନା କରିଥିଲେ। ଦ୍ୱାରଶୁଣି ଘାଟି ରାସ୍ତାର ୪୯ ନଂ. ଜାତୀୟ ରାଜପଥର ୯କିମି ରାସ୍ତାର ପ୍ରଶସ୍ତିକରଣ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳୁ ନ ଥିବାରୁ ତାହା ହୋଇପାରୁନାହିଁ। ଫଳରେ ଘାଟି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟି ଜୀବନ ଯାଉଛି। ଏଥିସହିତ ରାସ୍ତା ଜାମ ପାଇଁ ଜିଲ୍ଲା ମୁଖ୍ୟାଳୟ ସହିତ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଜନସାଧାରଣଙ୍କ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଆଜିର ବୈଠକରେ ଜିଲ୍ଲାପାଳ, ଏସପି, ବନ ବିଭାଗର ଅଧିକାରୀ, ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହିତ ମନ୍ତ୍ରୀ ଶ୍ରୀ ମାରାଣ୍ଡି ଆଲୋଚନା କରିଥିଲେ। ଜନସାଧାରଣଙ୍କ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ମାରାଣ୍ଡି ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାର ଏହାର ବିକଳ୍ପ ସ୍ୱରୂପ ୭୧.୬୩ କୋଟି ଟଙ୍କା ବିନିଯୋଗରେ ବିଶୋଇ-ଶଙ୍ଖାଭଙ୍ଗା-ବେଡାକୁଦର-ଜୋକା-ଚନ୍ଦନପୁର-ବାଙ୍ଗିରିପୋଷି ୩୧.୩୬୪କିମି ରାସ୍ତା ନିର୍ମାଣ ଆରମ୍ଭ କରିଛନ୍ତି। ବୈଠକରେ ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି, ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡା, ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଜେ ପି ବର୍ମା, ବିଏସଏନଏଲର ଟିଡିଏମ, ଅତିରିକ୍ତ ଜିଲ୍ଲାପାଳ, ଆଞ୍ଚଳିକ ପରିବହନ ଅଧିକାରୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀ, ବାରିପଦା ଓ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ, ବାଙ୍ଗିରିପୋଷି ବିଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର କଟକଣା ପାଇଁ ରାସ୍ତା, ବିଦ୍ୟୁତ ଓ ଟେଲି ଯୋଗାଯୋଗରେ ଅସୁବିଧା ସୃଷ୍ଟି ହେଉଥିବା ନେଇ ବୈଠକରେ ଜଣାପଡିଥିଲା। ଏ ନେଇ ମନ୍ତ୍ରୀ ବୁଧବାର ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ମାରାଣ୍ଡି ଭୁବନେଶ୍ୱର ସ୍ଥିତ ସଚିବାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ ଓ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ଉଚ୍ଚପଦସ୍ଥ ପଦାଧିକାରୀ ଉପସ୍ଥିତ ଥିଲେ।

## ଏମ୍‌ସିସି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ନୂତନ କୋଠାର ଭୂମିପୂଜନ

ବାରିପଦା, ୧।୨(ସମିସ)



ମୟୂରଭଞ୍ଜ କେନ୍ଦ୍ର ସମବାୟ (ଏମସିସି) ବ୍ୟାଙ୍କର ୭୪ତମ ପ୍ରତିଷ୍ଠା ଉତ୍ସବ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ରାଜ୍ୟ ଶିଶୁ ଓ ମହିଳା"ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୋରଡା ବିଧାୟକ ରାଜକିଶୋର ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ଯୋଜନା ବୋର୍ଡର ସଦସ୍ୟ ଜିତେନ୍ଦ୍ର ମହାନ୍ତି, କାଉନସିଲର ଅନନ୍ତ ଦାସ, ସମବାୟ ସମିତି ସମୂହର ବାରିପଦା ଖଣ୍ଡର ଉପନିବନ୍ଧକ କୃଷ୍ଣଚନ୍ଦ୍ର ଦାସ ଓ ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଟି. ପ୍ରସାଦ ରାଓ ଦୋରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚାଷ ଓ ଚାଷୀଙ୍କ ଉନ୍ନତିରେ ସମବାୟ ବ୍ୟାଙ୍କର ପ୍ରମୁଖ ଭୂମିକା ରହିଛି। ଏଥି ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ଅତିଥିଗଣ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ୭.୪୧କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟର ନୂତନ ସୌଧର ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଦେଢ ବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏଥି ନିମନ୍ତେ ପୁଲିସ ହାଉସିଂ ବୋର୍ଡକୁ ଦାୟିତ୍ୱ ଦିଆଯାଇଛି ବୋଲି ବ୍ୟାଙ୍କର ସଭାପତି ଶ୍ରୀ ମହାନ୍ତି ସୂଚାନ ଦେଇଥିଲେ। ବ୍ୟାଙ୍କର ଉପସଭାନେତ୍ରୀ ପଙ୍କୋଜିନୀ ନାଏକ, ନିର୍ଦ୍ଦେଶକ ମଳୟ କୁମାର ଜେନା, ମୋହନ ଚରଣ ବେହେରା, ଅଭିନ୍ନ ସୁନ୍ଦର ପାତ୍ର, ତପନ ପତି, ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ଗିରିଧାରୀ ପୃଷ୍ଟି, ବୀରେନ୍ଦ୍ର ନାଥ ବଶା, ରାଜ ଶିବନାରାୟଣ କିସ୍କୁ, ସୁନାରାମ ମରାଣ୍ଡି, ଭଗୀରଥ ଦେହୁରୀ, ଅଭିଜିତ କୁମାର ରାମ, ନିବେଦିତା ସାହୁ, ଦ୍ରୌପଦୀ ସାହୁ ଓ ଯଶ୍ବିନ ମାଝି, ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମହେନ୍ଦ୍ର ନାଥ ସାମଲ, ଡେପୁଟି ଜେନେରାଲ ମ୍ୟାନେଜର ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କୃତୀ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ବାରିପଦା, ୧।୨(ସମିସ):** ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କୃତୀ ଶିକ୍ଷକ ଶଶିଧର ବିଶ୍ୱାଳଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଗଣଶିକ୍ଷା ସଚିବ ଅଶ୍ୱତୀ ଏସ ଓ ଜଙ୍ଗଲ ପରିବେଶ ସୁରକ୍ଷା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଉପସ୍ଥିତିରେ ଶିକ୍ଷକ ଡ଼. ଶଶିଧର ବିଶ୍ୱାଳଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ନଗଦ ଅର୍ଥ ରାଶି ୨୫ହଜାର ଟଙ୍କା ସହିତ ଟ୍ରଫି ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାରିପଦା, ୧।୨(ସମିସ)

ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସାହିତ୍ୟ ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରାଜେଶ କୁମାର ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ତଥା ସୁଲେଖିକା ଡ. ପଦ୍ମଶ୍ରୀ ଦାସ ଯୋଗଦେଇ ଜଗନ୍ନାଥ ଧାମ ଏବଂ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ମା' ସୁଭଦ୍ରାଙ୍କ ସର୍ବତ୍ର ଅସ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ଅଧ୍ୟାପିକା ସ୍ମିତା ଦାସ ଅତିଥି ପରିଚୟ ଦେଇଥିଲେ। ଜୀବ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ଡ. ଅଶୋକ କୁମାର ବେହେରା, ଶ୍ରୀଜଗନ୍ନାଥ ଭାବର ଦେବତା ବୋଲି ବର୍ଣ୍ଣନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ପୁରସ୍କାର ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ସୁବ୍ରତ କୁମାର ପାତ୍ର, ସଞ୍ଜୟ ଖୁଣ୍ଟିଆ, ଅଟଳ କୁମାର ମହାନ୍ତ, ଅଧ୍ୟାପିକା ଡ. ଅଞ୍ଜଳି ପଣ୍ଡା, ଡ. ସଂଯୁକ୍ତାରାଣୀ ସୁର, ଅମିତା ବେହେରା, ତାପସ କୁମାର ସାମଲ, ମଧୁସୂଦନ ଘୋଷ, ଉପେନ୍ଦ୍ର ମହାନ୍ତ, ଭାଗ୍ୟଲତା ରାୟ, ଗୀତା ରାଣୀ ଓ ହରି ସିଂ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଓଡିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ଇତିଶ୍ରୀ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌କେସି ହାଇସ୍କୁଲର ୨ ଶିକ୍ଷକ ଓ ଜଣେ ଛାତ୍ର ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ବାରିପଦା, ୧।୨(ସମିସ):** ମହାରାଜା କୃଷ୍ଣଚନ୍ଦ୍ର (ଏମକେସି) ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତଙ୍କୁ ବିଜ୍ଞାନ ଏବଂ ଶିକ୍ଷକ ରାଜୀବ ଲୋଚନ ଜେନା ଗଣିତରେ ଅସାଧାରଣ ସାଧନା, ଦୃଢନିଷ୍ଠା, ଏକାଗ୍ରତା, ସମୟୋଚିତ ନିଷ୍ପତ୍ତି ତଥା ଶିକ୍ଷାର ଅଗ୍ରଗତିରେ ନିରବଚ୍ଛିନ୍ନ ଉଦ୍ୟମ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ଏତଦ ବ୍ୟତୀତ ବିଦ୍ୟାଳୟର ଛାତ୍ର ମିତେଶ ଗୋଚ୍ଛାୟତ ୨୦୨୨-୨୩ ଶିକ୍ଷାବର୍ଷରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉଲ୍ଲେଖନୀୟ କୃତକାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟର ଆଲୁମିନି ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅବିଭାବକ ଓ ସହରର ବୁଦ୍ଧିଜୀବି ମହଲରୁ ପ୍ରଶଂସାର ସୁଅ ଛୁଟିଛି।



## ନୂତନ ପୌର ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**ବାରିପଦା, ୧।୨(ସମିସ):** ବାରିପଦା ପୌର ପରିଷଦର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦାନ କରିଛନ୍ତି। ଗୁରୁବାର କାର୍ଯ୍ୟାଳୟରେ ପୂର୍ବର କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ସେ କେନ୍ଦୁଝର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତାଙ୍କ ବଦଳି ନିର୍ଦ୍ଦେଶ ପରେ ଗୁରୁବାର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବାରିପଦା ପୌରପାଳିକାର କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କ ସ୍ୱାଗତ ଜଣାଇଥିଲେ। ବାରିପଦା ପୌରପାଳିକା ପାଇଁ ସେ ସର୍ବଶ୍ରେଷ୍ଠ ସେବା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ସମସ୍ତ ଜନସାଧାରଣଙ୍କ ସହାୟତା ଲୋଡିଛନ୍ତି।

## ପୂର୍ବତନ ଶିକ୍ଷୟିତ୍ରୀଙ୍କ ପରଲୋକ



**ବାରିପଦା, ୧।୨(ସମିସ):** ବାରିପଦା ମହାରାଣୀ ପ୍ରେମ କୁମାରୀ ବାଳିକା ହାଇସ୍କୁଲର ପୂର୍ବତନ ଶିକ୍ଷୟିତ୍ରୀ ପ୍ରମୋଦିନୀ ପଟ୍ଟନାୟକ (୮୩) ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଶୁଭେଚ୍ଛୁଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ବୁଧବାର ରାତିରେ ଅଚାନକ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଗୁରୁବାର ଭୁବନେଶ୍ୱର ସ୍ଥାନାନ୍ତର ବେଳେ ପ୍ରାଣବାୟୁ ଉଡ଼ି ଯାଇଥିଲା। ସମାଜର ସବୁ ବର୍ଗର ବ୍ୟକ୍ତିବିଶେଷ ଶେଷଦର୍ଶନ ପୂର୍ବକ ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବାରିପଦା ଲାଲବଜାର ଓ୍ୱାର୍ଡ ନଂ ୧୦ ତଳସାହିର ବାସିନ୍ଦା ତଥା ପୂର୍ବତନ ପଞ୍ଚାୟତ ଇଣ୍ଡଷ୍ଟ୍ରି ଅଫିସର ସ୍ୱର୍ଗତ ଜୟକୃଷ୍ଣ ମହାନ୍ତିଙ୍କ ସେ ଧର୍ମପତ୍ନୀ। ପ୍ରଥମେ ବାରିପଦା କମଳା ନେହରୁ ବାଳିକା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ଏମପିକେ ବାଳିକା ହାଇସ୍କୁଲରୁ ୧୯୯୯ ରେ ସେବାନିବୃତ୍ତ ହୋଇଥିଲେ। ସେ ଜଣେ ସରଳ, ଅମାୟିକ ଓ ଧର୍ମପରାୟଣ ମହିଳା ତଥା ଜଣେ ସୁଦକ୍ଷ, ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବେ ପରିଚିତ ଥିଲେ।

● ଗଣନା ରିପୋର୍ଟ ପ୍ରଦାନ; ମୟୂରଭଞ୍ଜ ଜିଲ୍ଲାକୁ ଆସିଛନ୍ତି ୨୬,୨୪୨ ପକ୍ଷୀ

# ବାରିପଦା ବନଖଣ୍ଡରେ ପକ୍ଷୀ ସଂଖ୍ୟା ବୃଦ୍ଧି

ବାରିପଦା, ୧।୨(ସମିସ)



ମୟୂରଭଞ୍ଜ ଜିଲ୍ଲାର ପକ୍ଷୀଗଣନା ରିପୋର୍ଟ ପ୍ରଦାନ କରାଯାଇଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ୫ଟି ବନଖଣ୍ଡର ୩୨ଟି ରେଞ୍ଜରେ ମୋଟ ୨୬ ହଜାର ୨୪୨ ପକ୍ଷୀ ଜିଲ୍ଲାକୁ ଆସିଥିବା ରିପୋର୍ଟରୁ ଜଣାପଡିଛି। ଶିମିଳିପାଳ ଅଭୟାରଣ୍ୟର ଉତ୍ତର ଓ ଦକ୍ଷିଣ ବନପ୍ରାଣୀ ବନଖଣ୍ଡ ସମେତ ବାରିପଦା, ରାଇରଙ୍ଗପୁର, କରଞ୍ଜିଆ ବନଖଣ୍ଡ ଅଧୀନରେ ଥିବା ଆଦ୍ରସ୍ଥାନରେ ପକ୍ଷୀ ଗଣନା ହୋଇଥିଲା। ଚଳିତ ବର୍ଷ ବାରିପଦା ବନଖଣ୍ଡର ୭ଟି ରେଞ୍ଜରେ ପକ୍ଷୀ ଗଣନା ହୋଇଥିଲା। ବାରିପଦା ବନଖଣ୍ଡକୁ ୧୩ ହଜାର ୩୪୨ଗୋଟି ପକ୍ଷୀ ଆସିଛନ୍ତି; ଯାହାକି ଗତବର୍ଷ ତୁଳନାରେ ୧୨୭୭ ପକ୍ଷୀ ଅଧିକ ରହିଛି। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନର ୯ଟି ରେଞ୍ଜରେ ୪୦୭ଟି ପକ୍ଷୀ ଓ ଉତ୍ତର ଡିଭିଜନର ୮ଟି ରେଞ୍ଜର ୨୪୭ ପକ୍ଷୀ ଆସିଛନ୍ତି। ରାଇରଙ୍ଗପୁର ବନଖଣ୍ଡର ୪ଟି ରେଞ୍ଜକୁ ୭ହଜାର ୨୭୩ ପକ୍ଷୀ ଆସିଛନ୍ତି। କରଞ୍ଜିଆ ବନଖଣ୍ଡର ୪ଟି ରେଞ୍ଜକୁ ୪ହଜାର ୯୭୩ଟି ପକ୍ଷୀ ଆସିଥିବା ନେଇ ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ପ୍ରତି ବର୍ଷ ଶୀତ ଋତୁରେ ଏହି ପକ୍ଷୀ ଗଣନା କରାଯାଇଥାଏ। ଜାନୁଆରୀ ୧୦ ଓ ୧୧ ଦୁଇ ଦିନ ଧରି ବନ କର୍ମଚାରୀଙ୍କୁ ନେଇ ଗଣନା ଆରମ୍ଭ ହୋଇଥିଲା। ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକଙ୍କ ସମେତ ଓୟୁଏଟି ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୱାଇଲଡ଼ ଲାଇଫ ବିଭାଗର ଛାତ୍ରଛାତ୍ରୀ ଗଣନାରେ ସାମିଲ ହୋଇଥିଲେ। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ପକ୍ଷୀ ମାନଙ୍କ ଗତିବିଧିକୁ ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନବିଭାଗର କର୍ମଚାରୀମାନେ ଲକ୍ଷ୍ୟ କରି ପକ୍ଷୀ ଗଣନା କରିଥିଲେ। ଉକ୍ତ ଆକଳନ ରିପୋର୍ଟକୁ ମଧ୍ୟ ହସ୍ତାନ୍ତର କରାଯାଇଛି। ଶୀତ ଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିମି ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି। ବିଦେଶରୁ ଆସିଥିବା ପକ୍ଷୀ ମାନେ ଜିଲ୍ଲାର ଜମ୍ବୀରା, ହଳଦିଆ, ବଡ଼ଯୋଡ, ରାଜାବନ୍ଧ, କାଳ, ନେସା, ବାଙ୍କବଳ, ସୁଲେଇପାଟ ପରି ବୃହତ ଜଳାଶୟରେ ଆଶ୍ରୟ ନେଇଥାନ୍ତି। ଜିଲ୍ଲାରେ ଥିବା ଜଳଉତ୍ସରେ ଘରୋଇ ପକ୍ଷୀଙ୍କ ସହ ଗଡ଼ୱାଲ, ଲିଟିଲ କାର୍ବୋରେଣ୍ଟ, ଲଫାଙ୍ଗ, ହୁଇସିଲ ବାର୍ଡ ଭଳି ବିଭିନ୍ନ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି।



## ସମୂହ ଛୁଟିରେ ପ୍ରାଣୀ ଚିକିତ୍ସକ

# ଛଟପଟ ହେଉଛନ୍ତି ନିରୀହ ପଶୁପକ୍ଷୀ





**ଘସିପୁରା,୧୨(ସମିସ):** ରାଜ୍ୟ ବ୍ୟାପୀ ପ୍ରାଣୀ ଚିକିତ୍ସକ ସଂଘ ଡାକରାରେ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଥିବା ଯୋଗୁଁ ସମସ୍ତ ପ୍ରାଣୀ ଚିକିତ୍ସାଳୟରେ ତାଲା ପଡ଼ିଛି। ଦୀର୍ଘ ୧୫ ଦିନ ହେଲା ପ୍ରାଣୀ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଯୋଗୁଁ ଗମ୍ଭୀର ପରିସ୍ଥିତି ସୃଷ୍ଟି ହେଲାଣି। ରୋଗରେ ପଡ଼ି ପ୍ରାଣୀ ତଥା ପଶୁପକ୍ଷୀ ଚିକିତ୍ସା ସୁବିଧା ନପାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ସେପଟେ ପଶୁପକ୍ଷୀ ପାଳନ କରିଥିବା ପଶୁପାଳକ ଏବଂ ଅନେକ ଚାଷୀ ବହୁ କ୍ଷତି ସହିଲେଣି। ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଅଞ୍ଚଳରେ କାଉ ମଡ଼କ ଦେଖିବାକୁ ମିଳିଛି। ଗ୍ରାମର କେତେକ ସ୍ଥାନରେ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। କାଉ ମଡକ ଯୋଗୁଁ ବାର୍ଡଫ୍ଲୁ ଆଶଙ୍କା କରି ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେଲାଣି। ସେପଟେ ପ୍ରାଣୀ ଚିକିତ୍ସକ ମାନେ ବିଭିନ୍ନ ଦାବି ନେଇ ସମୂହ ଛୁଟିରେ ଥିବା ଯୋଗୁଁ ପକ୍ଷୀଙ୍କ ରକ୍ତ ନମୂନା ପରୀକ୍ଷା କରିବା କଷ୍ଟ ସାଧ୍ୟ ବ୍ୟାପାର ହୋଇପଡିଛି। ଏହି ଘଟଣାରେ ପ୍ରଶାସନ ତୁରନ୍ତ ବିଶେଷଜ୍ଞ ଦଳ ପଠାଇ ମୃତପକ୍ଷୀର ରକ୍ତ ନମୂନା ପରୀକ୍ଷା କରିବା ଆବଶ୍ୟକ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ସେପଟେ ଅଦିନିଆଁ ବର୍ଷା ସହିତ ଶୀତର ପ୍ରକୋପ ବଢିଥିବାରୁ ଏହା ଦାଉରେ ସ୍ଥାନୀୟ ଗଡ଼ବାଙ୍କଗୋଡ଼ା ପଞ୍ଚାୟତ କରଡ଼ାମାଳିରେ ଛେଳି ଚାଷୀ ସୌମ୍ୟରଞ୍ଜନ ନାୟକଙ୍କ ବହୁ ଛେଳି ନିମୋନିଆରେ ଆକ୍ରାନ୍ତ ହେଲେଣି। ଘଟଣା ସମ୍ପର୍କରେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କଲେ ମଧ୍ୟ ସମୂହ ଛୁଟିରେ ଥିବାରୁ ଚିକିତ୍ସା କରିବାକୁ ସିଧାସଳଖ ମନା କରିଦେଉଛନ୍ତି। ଏପରିକି ଜରୁରୀ ସମୟରେ ଫୋନ ଉଠାଉ ନାହାଁନ୍ତି। ଏପରା ସ୍ଥଳେ ଲକ୍ଷାଧିକ ଟଙ୍କା ଋଣ ଓ ଧାର କରଜ କରି ଛେଳିଚାଷ କରିଥିବା ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଏଭଳି ଘଟଣା ଦିନକୁ ଦିନ ବଢି ଚାଲିଥିବା ବେଳେ ପଶୁପକ୍ଷୀମାନଙ୍କୁ ସୁରକ୍ଷିତ ତଥା ନିରୋଗ ରଖିବାକୁ ପ୍ରଶାସନ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ଅନେକ ପଶୁପାଳକ ତଥା ଗୋ-ଚାଷୀ ଦାବି କରିଛନ୍ତି।

# ସପ୍ତାହକ ମଧ୍ୟରେ ୨ ବାଛୁରି ମୃତ

**ଆନନ୍ଦପୁର, ୧୨ (ସମିସ):** ଆନନ୍ଦପୁର ଉପଖଣ୍ଡର ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଥିବାରୁ ପ୍ରାଣୀଧନମାନେ ଚିକିତ୍ସା ସେବା ନପାଇ ମୃତ୍ୟୁମୁଖରେ ପଡୁଥିବାରୁ ଘଟଣାରେ ଉଦବେଗ ପ୍ରକାଶ ପାଉଛି। ଚିକିତ୍ସା ନପାଇ ଆନନ୍ଦପୁର ଗ୍ରାମାଞ୍ଚଳରେ ଅନେକ ଗୃହପାଳିତ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଥିଲେ ମଧ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଡାକ୍ତର ଓ ଚିକିତ୍ସା କର୍ମଚାରୀ ନଥିବାରୁ ପ୍ରତିଦିନ ଚିକିତ୍ସା ସେବା ନପାଇ ଅନେକ ଗୃହପାଳିତ ପଶୁପକ୍ଷୀ ଫେରୁଥିବା ଜଣାଯାଇଛି। ଘସିପୁରା ରେଙ୍ଗସାହି ନିବାସୀ କ୍ଷେତ୍ରବାସୀ ସାହୁଙ୍କର ୨ଟି ବାଛୁରି ଖଡ଼ା ଓ ଲଙ୍ଗଡ଼ାଖଡ଼ା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ସେବା ନପାଇ ମୃତ୍ୟୁବରଣ କରିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଆଜି ଅନ୍ୟ ଏକ ଦୁଇମାସର ବାଛୁରିକୁ ନେଇ ଚିକିତ୍ସା ପାଇଁ ପ୍ରାଣୀଧନ ଚିକିତ୍ସାଳୟରେ ପହଞ୍ଚିଥିଲେ ମଧ୍ୟ ଡାକ୍ତର ଓ ଚିକିତ୍ସା କର୍ମଚାରୀମାନେ ଆନ୍ଦୋଳନରେ ଥିବାରୁ ସେ ନିରାଶ ହୋଇଫେରିଥିଲେ। ଆନନ୍ଦପୁର ପ୍ରାଣୀଧନ ଚିକିତ୍ସାଳୟରେ କାର୍ଯ୍ୟରତ ଜନୈକ ଚିକିତ୍ସା କର୍ମଚାରୀ ଅବସର ଗ୍ରହଣ କରିଥିଲେ ବି ତାଙ୍କ ସହଯୋଗରେ ଉକ୍ତ ବାଛୁରିକୁ ଆଜି ଚିକିତ୍ସା କରାଯାଇଥିବା ଜଣାଯାଇଛି। ପ୍ରାଣୀଧନ ବିଭାଗର ଡାକ୍ତର ଓ ଚିକିତ୍ସା କର୍ମଚାରୀମାନଙ୍କ ଆନ୍ଦୋଳନ ଚାଲିଥିବାରୁ ଚିକିତ୍ସା ସେବା କ୍ଷେତ୍ରରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏଣୁ ପ୍ରଶାସନ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ ନକଲେ ଆଗାମୀ ଦିନରେ ଗୋମଡ଼କ ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି।




# ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

**ବଡ଼ବିଲ,୧୨(ସମିସ):** କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ବଲାଣି କିରିବୁରୁ ରାସ୍ତାର ଡବ୍ଲୁ ହଟି ନିକଟ ଏକ ପୋଲ ତଳୁ ପରିତ୍ୟକ୍ତ ସ୍ଥାନରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିଶୁର ମାତା ପିତାଙ୍କ ପରିଚୟ ମିଳିନ ଥିବା ବେଳେ ଏହା ଏକ ଅବୈଧ ସନ୍ତାନ ବୋଲି ଅନୁମାନ କରାଯାଉଛି। ଏପରିକି କନ୍ୟା ସନ୍ତାନ ପାଇଁ ଇଚ୍ଛୁକ ନ ଥିବା ଦମ୍ପତିଙ୍କର ହୋଇଥିବା ଲୋକ ଅଭିଯୋଗ କରିଛନ୍ତି। ତେବେ ଏ ବାବଦରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବଲାଣି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆମ୍ବୁଲାନ୍ସ ଯୋଗେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠେଇ ଅଧିକ ତଦନ୍ତ କରୁଥିବା ବଲାଣି ଥାନା ଅଧିକାରୀ ଭଜହରି ସାହୁ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ସ୍କୁଟି ଚାଳକ ମୃତ

**ସୋସୋ, ୧୨(ସମିସ):** ହାଟଡିହି ବ୍ଲକ ଶାଳଣିଆଁ ପଞ୍ଚାୟତ ମନୋହରପୁର ଗ୍ରାମର ସନାତନ ଜେନାଙ୍କ ପୁଅ ରଞ୍ଜନ ଜେନାଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଖବରରୁ ଜଣାଯାଇଛି ବୁଧବାର ବିଳମ୍ବିତ ରାତିରେ ସନାତନ କଟକରୁ ସ୍କୁଟିଯୋଗେ ଯାଉଥିବା ସମୟରେ ବନସ୍ତା ଛକ ନିକଟରେ ସ୍କୁଟି ସହ ନିଜେ ତଳକୁ ଖସିପଡିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳୁ ସେହି ବାଟଦେଇ ଯାଉଥିବା କିଛି ବାଟୋଇ ତାଙ୍କର ମୃତ ଶରୀରକୁ ଦେଖି ପରିବାରକୁ ଖବର ଦେଇଥିଲେ। ଖବର ପାଇ ଭଣ୍ଡାରୀ ପୋଖରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇଛି। ଏହି ଖବର ପାଇ ଶାଳଣିଆଁ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ବ୍ଲକ୍ ପରିଦର୍ଶନ କଲେ ନୂତନ ଜିଲ୍ଲାପାଳ

**ହାଟଡ଼ିହୀ/ସୋସୋ,୧୨(ସମିସ):** କେନ୍ଦୁଝର ଜିଲ୍ଲାର ନୂତନ ଜିଲ୍ଲାପାଳ ବିଶାଳ ସିଂ ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ହାଟଡ଼ିହୀ ବ୍ଲକ୍ ପରିଦର୍ଶନ କରିଛନ୍ତି। ହାଟଡ଼ିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସରପଞ୍ଚ ପ୍ରଶାନ୍ତ ରାଉତ, ପୂର୍ବତନ ଶଶାଙ୍କ ଶେଖର ପୁହାଣ, ସହକାରୀ ଯନ୍ତ୍ରୀ ଦିପାଶ୍ରୀ ସିଂ, ଜ୍ଞାନରଞ୍ଜନ ଜେନା, କନିଷ୍ଠ ଯନ୍ତ୍ରୀ ମଦନ ମୋହନ ବେହେରା, ପ୍ରଫୁଲ୍ଲ ବେହେରା, ଧୀରେନ୍ଦ୍ର ମହାଲିକଙ୍କ ସମେତ ସମସ୍ତ ସହାୟକ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ବିଶାଳ ସିଂଙ୍କୁ ସ୍ୱାଗତ କରାଯାଇଥିଲା।



# ଅଳଙ୍କାର ବ୍ୟବସାୟୀଙ୍କ ଦେହାନ୍ତ

**ଘସିପୁରା,୧୨(ସମିସ):** ଘସିପୁରା ବ୍ଲକ ବଡପଦନା ବଜାରରେ ଦୀର୍ଘ ୩୦ ବର୍ଷ ଧରି ମା' ହିଙ୍ଗୁଳା ଜୁଏଲର୍ସ ନାମରେ ଏକ ଅଳଙ୍କାର ଦୋକାନ କରିଥିବା ଶଙ୍ଖଚିଲା ଛୋଟରାୟପୁର ଗ୍ରାମର କୀର୍ତ୍ତନ ବିହାରୀ ସାହୁଙ୍କର ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ଅକାଳ ମୃତ୍ୟୁ ଘଟିଛି। ସେ ଗତ ଦେଢ଼ ମାସ ଧରି ପାକସ୍ଥଳୀ ଜନୀତ ରୋଗରେ ଆକ୍ରାନ୍ତ ହୋଇ ପ୍ରଥମେ କଟକ ଶ୍ରୀରାମ ଚନ୍ଦ୍ରଭଞ୍ଜ ମେଡିକାଲ ଏବଂ ପରେ ଆପୋଲୋ ଓ ହାଇଦ୍ରାବାଦରେ ଚିକିତ୍ସା ହେଉଥିଲେ। ତାଙ୍କ ଦେହାନ୍ତ ଖବର ମିଳିବା ପରେ ବଡ଼ପଦନା ଛକ ମହାଲକ୍ଷ୍ମୀ ବଣିକ ସଙ୍ଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇବା ସହ ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା ସହ ଏକ ଶୋକସଭା ଆୟୋଜନ କରାଯାଇଥିଲା। ବଜାର କମିଟି ସଭାପତି ମଳୟ ସାହୁ ସଂଯୋଜନାରେ ହଳଧର ସାହୁ, ପ୍ରାଣବଲ୍ଲଭ ସାହୁ ସମେତ ବଡପଦନା ଛକର ସମସ୍ତ ବ୍ୟବସାୟୀ ନିଜ ଦୋକାନ ବନ୍ଦ କରି ମୃତକଙ୍କ ଜୁଏଲର୍ସ ଦୋକାନ ସମ୍ମୁଖରେ ଉପସ୍ଥିତ ରହି ଅମର ଆତ୍ମାସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



# ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କ ପରଲୋକ

**ତେଲକୋଇ,୧୨(ସମିସ):** ତେଲକୋଇ ବ୍ଲକ ବେଣାମୁଣ୍ଡାର ବରିଷ୍ଠ ସମାଜସେବୀ ବିଦ୍ୟାଧର ରାଉଳଙ୍କର ବୁଧବାର ଦେହାନ୍ତ ହୋଇଯାଇଛି। ଅଚାନକ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ରାସ୍ତାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିବା ବେଳେ ପୂର୍ବରୁ ଜିଲ୍ଲାପରିଷଦ ସଦସ୍ୟ ଭାବେ ସିରିଗିଡା ମଣ୍ଡଳର ପ୍ରତିନିଧିତ୍ୱ କରିଥିଲେ। ସେ ଏକାଧାରାରେ ଜଣେ ଶିକ୍ଷାବିତ, ରାଜନିତୀଜ୍ଞ, ସୁସଙ୍ଗଠକ ଓ ସମାଜସେବୀ ଥିଲେ। ବେଣାମୁଣ୍ଡା ଗୋପାଳଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅବସ୍ଥାପନରେ ମଧ୍ୟ ତାଙ୍କର ବରିଷ୍ଠ ଭୂମିକା ରହିଥିଲା। ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡିକରେ ସେ ସର୍ବଦା ସାମିଲ ରହୁଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ମାଧପୁର ଫାର୍ମ ପୋଖରୀରୁ ଶବ ଉଦ୍ଧାର

**କେନ୍ଦୁଝର,୧୨(ସମିସ):** ଟାଉନ ଥାନା ଅନ୍ତର୍ଗତ ମାଧପୁର କୃଷି ବିଭାଗର ପୋଖରୀରୁ ଗୁରୁବାର ଏକ ଭାସୁଥିବା ଶବ ଉଦ୍ଧାର କରାଯାଇଛି। ତାଙ୍କ ନାମ ରମୀ ନାଏକ(୫୦) ଏବଂ ତାଙ୍କ ଘର ୧୫ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆସାହିରେ ବୋଲି ଜଣାପଡିଛି। ଗତ ୫ ଦିନ ହେବ ସେ ନିଖୋଜଥିବା ତାଙ୍କ ପରିବାର ଲୋକ କହିଥିବାବେଳେ ପୁଲିସ ଟାଉନ ଥାନା କେଶ ନଂ ୧୧/୨୪ରେ ଏକ ଅପମୃତ୍ୟ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟଯେ ଗୁରୁବାର ମଧ୍ୟାହ୍ନ ୧୨ ଟାରେ ଏକ ମୃତଦେହ ପୋଖରୀରେ ଭାସୁଥିବାର ଦେଖି ସ୍ଥାନୀୟ ଲୋକ ପୁଲିସକୁ ସୂଚନା ଦେଇଥିଲେ। ଟାଉନ ପୁଲିସ ଏବଂ ଅଗ୍ନିଶମ ବିଭାଗ ପୋଖରୀରୁ ଶବ ଉଦ୍ଧାର କରିଥିଲେ। ରମୀ କିଭଳି ପୋଖରୀକୁ ଆସିଲା ଏବଂ କିପରି ମୃତ୍ୟୁ ହେଲା ତାହା ତଦନ୍ତ ପରେ ଜଣାପଡିବ। ତେବେ ତାଙ୍କ ମୃତ୍ୟୁକୁ ନେଇ ତାଙ୍କ ପୁଅ ଶ୍ରୀତମ ନାଏକ ସନ୍ଦେହରେ ରହିଥିବା କହିଛନ୍ତି। ପ୍ରକାଶ ଯୋଗ୍ୟଯେ ମାଧପୁର ଫାର୍ମପୋଖରୀ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିଶାଶକ୍ତ ଲୋକ ପୋଖରୀ ହୁଡାରେ ପ୍ରତ୍ୟେକଦିନ ସନ୍ଧ୍ୟା ପରେ ଆଡ୍ଡା ଜମାଉଛନ୍ତି। ପୋଖରୀ ପାଖ ରାସ୍ତା ଦେଇ ସନ୍ଧ୍ୟା ପରେ ଲୋକମାନେ ଯିବାକୁ ନିରାପଦ ମଣୁନାହାଁନ୍ତି। ଏଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କେନ୍ଦୁଝର/ବଡ଼ବିଲ,୧୨(ସମିସ):** ଟାଟାପାୱାର ନରଦନ ଡିଭିଜନ କେନ୍ଦୁଝର (ଟିପିଏନଓଡିଏଲ) ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନର କାର୍ଯ୍ୟକ୍ରମ ଉଦଯାପନୀ ହୋଇଯାଇଛି। ଏଥିରେ ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଡିଏନହାଇ ସ୍କୁଲରୁ ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମାପ୍ତ ହୋଇଥିଲା, କର୍ମଚାରୀ, ନାଗରିକ, ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ, ନିର୍ବାହୀ ଯନ୍ତ୍ରୀ ଟିପିଏନଓଡିଏଲ ମୀନକେତନ ସାମଲ, ରାଜଲକ୍ଷ୍ମୀ ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ ଏମଆରଟି କେନ୍ଦୁଝର, ମୃତ୍ୟୁଞ୍ଜୟ ଜେନା ମ୍ୟାନେଜର ଅପରେସନ, ସୌମିତ୍ର ପାତ୍ର ସପଲ୍ୟାୟ ଅଫିସର ଟିପିଏନଓଡିଏଲ ପ୍ରମୁଖ ଏହି ମାସବ୍ୟାପୀ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେହିପରି ବଡ଼ବିଲ ସ୍ଥିତ ଟାଟାପାୱାର ତରଫରୁ ଏକ ସପ୍ତାହ ପାଇଁ ସଡକ ସୁରକ୍ଷ ,ସଚେତନତା ଓ ସତର୍କତା ନେଇ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏକ ସପ୍ତାହ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବଡ଼ବିଲ ଶିବଲାଲ ପାର୍କ ନିକଟରେ ଅସ୍ଥାୟୀ କ୍ୟାମ୍ପ କରି ବଡ଼ବିଲ ବିଦ୍ୟୁତ ଉପଖଣ୍ଡ ଅଧିକାରୀ ରାଜେଶ କୁମାର ମହାନ୍ତଙ୍କ ଉପସ୍ଥିତିରେ ସମସ୍ତ ବିଭାଗୀୟ କର୍ମଚାରୀ, ସାଧାରଣ ଜନତା ଓ ଗାଡି ଚାଳକଙ୍କୁ ସରକ୍ଷା ସମ୍ବନ୍ଧରେ ସଚେତନା ବାର୍ତ୍ତା ଦେଇଥିଲେ।

# କଠାକଟାରେ ସଚେତନତା ଶିବିର

**ଆନନ୍ଦପୁର,୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ କାଠକଟାଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆମ ଓଡିଶା ନବୀନ ଓଡିଶା ଅଭିଯାନରେ ରାଜ୍ୟ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଆରମ୍ଭ କରିଥିବା ଏହି କାର୍ଯ୍ୟକ୍ରମକୁ ବିଡିଓ ଯୋଗରଞ୍ଜନ ନାୟକଙ୍କ ସଂଯୋଜନାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଉଦଘାଟନ କରିଥିଲେ। ଏବିଡିଓ ବିଚିତ୍ର କୁମାର କର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀ ଗୁଡିକର ରୁପାନ୍ତରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟ ଗୁଡିକର ରୂପାନ୍ତରଣ, କ୍ରୀଡା ଭିତ୍ତଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ ଓ ସୁଗମ ପରିବହନ ବ୍ୟବସ୍ଥାର କାର୍ଯ୍ୟକାରୀ କରିବା ପାଇଁ ଏହି ସମାବେଶରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଦସ୍ୟ ଜିତେନ୍ଦ୍ରୀୟ ସାମଲ, ସ୍ଥାନୀୟ ସରପଞ୍ଚ ବିଚିତ୍ରାନନ୍ଦ ଜେନା, ସହକାରୀ ଯନ୍ତ୍ରୀ ସ୍ୱାଗତ ଦାସ, ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ଶୁଭସ୍ମିତା ଶୁଭଦର୍ଶନୀ, ଗ୍ରାମ ରୋଜଗାର ସେବକ ଅନୀଲ କୁମାର ସାମଲଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭର ମୃତ

# ୨୦ ଘଣ୍ଟା ପରେ ଉଠିଲା ଶବ

**ଚମ୍ପୁଆ/ତୁରୁମୁଙ୍ଗା,୧୨(ସମିସ):** କେନ୍ଦୁଝର ଜିଲ୍ଲା ବାରିଆ ଥାନା ଜ୍ୟୋତିପୁର ବର୍ଦ୍ଧନା ରାସ୍ତାର ବର୍ଦ୍ଧନା ନିକଟରେ ବୁଧବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ନମ୍ବର ବିହୀନ ଟ୍ରାକ୍ଟର ବିଲ ଭିତରକୁ ପଶି ଓଲଟି ପଡିବା ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭରର ମୃତ୍ୟୁ ଘଟିଥିଲା। ମୃତ ଡ୍ରାଇଭର ହେଲେ ବର୍ଦ୍ଧନା ଗ୍ରାମର ଈଶ୍ୱର ଚନ୍ଦ୍ର ଖିଲାରଙ୍କ ପୁଅ ସଞ୍ଜୀତ ଖିଲାର। ଗତକାଲି ସେ ଟ୍ରାକ୍ଟର ନେଇ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଟ୍ରାକ୍ଟର ମାଲିକ ରୋହିତ ଖିଲାର ତାଙ୍କୁ ଜୋର ଜବରଦସ୍ତ ଡାକି ନେଇ ଗାଡି ଚଳାଇବାକୁ ବାଧ କରୁଥଲା ବୋଲି ପରିବାର ଲୋକ ଦାବି କରିଛନ୍ତି। ତେଣୁ ମୃତ ଡ୍ରାଇଭରଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ପରିବାର ଲୋକେ ଶବକୁ ଉଦ୍ଧାର କରିବା ପାଇଁ ଦେଇନଥିଲେ। ଫଳରେ ଗତକାଲି ସନ୍ଧ୍ୟା ୁ ଶବ ପଡି ରହିଥିଲା। ଯାହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଘଟଣାସ୍ଥଳରେ ବାରିଆ ପୁଲିସ ସହିତ ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକ, ତହସିଲଦାର, ଧର୍ମେନ୍ଦ୍ର ଶତପଥୀ, ବାରିଆ ଥାନା ଅଧିକାରୀ ହେମନ୍ତ କୁମାର ମାଝୀ ପହଞ୍ଚି ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ସହ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ୨୦ ଘଣ୍ଟା ପରେ ଶବ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଗୋଷ୍ଠୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ପୁଲିସ ଜବତ କରି ୫୮/୨୪ରେ ଏକ ମାମଲା ରୁଜୁ କରିଛି। ଦୁର୍ଘଟଣା ପରେ ଟ୍ରାକ୍ଟର ମାଲିକ ଫେରାର ହୋଇ ଯାଇଥିବା ବେଳେ ତାଙ୍କୁ ଗିରଫ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ମୃତ ସଞ୍ଜିତ ପରିବାରର ଏକମାତ୍ର ପୁଅ ଥିବାରୁ ତାଙ୍କ ମୃତ୍ୟୁକୁ ନେଇ ପରିବାର ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ କି ଏହି ଅଞ୍ଚଳରେ ବେଆଇନ ଭାବେ ବାଲି ଚୋରାଚାଲାଣ ଚାଲିଥିବା ବେଳେ ଚଞ୍ଚକତା କରି ଗୋଟିଏ ଗାଡ଼ି ନମ୍ବରକୁ ବ୍ୟବହାର କରି ଅନ୍ୟ ଗାଡି ଗୁଡିକ ଚାଲୁଛି। ଯାହା ଦ୍ୱାରା ଏହିପରି ଦୁର୍ଘଟଣା ଘଟି ଜନଜୀବନ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି।



ଗୋଟିଏ ନମ୍ବରରେ ଚାଲୁଥିଲା ୨ଟି ଟ୍ରାକ୍ଟର

# ଅରୁଣ ପଣ୍ଡାଙ୍କ ଏକାଦଶାହରେ ସ୍ମୃତିସଭା

**କେନ୍ଦୁଝର,୧୨(ସମିସ):** ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡାଙ୍କ ଏକାଦଶାହରେ ଗୁରୁବାର କେନ୍ଦୁଝର ପ୍ରେସ ରୁମ୍‌ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସହର ପୁରୁଣା ବଜାରରେ ଜନ୍ମିତ ସ୍ୱର୍ଗତ ପଣ୍ଡା ଗତ ଡିସେମ୍ବର ମାସ ୨୨ରେ ଇହଲୀଳା ତ୍ୟାଗ କରିଥିଲେ। ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରଥମେ ସ୍ୱର୍ଗତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକତା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଧର୍ମ ଓ ଇତିହାସ ସମେତ ସାମାଜିକ ଦର୍ଶନର ସାଧନାରେ ସ୍ୱର୍ଗତ ପଣ୍ଡାଙ୍କ ପରିପୂର୍ଣ୍ଣ ଜୀବନଯାତ୍ରା ପ୍ରତି ସମୟରେ ଜନମାନସକୁ ମୁଗ୍ଧ କରି ଆସିଥିଲା। ଜୀବନବ୍ୟାପୀ ସମାଜର କଲ୍ୟାଣ ପାଇଁ ବହୁ ନିରାଟ ସତ୍ୟକୁ ଅତି ନିର୍ଭୀକ ଭାବେ ଉଦ୍‌ଘାଟନ କରିଛନ୍ତି। ରାଜ୍ୟର ଅନେକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ଶୋକସଭାରେ ବରିଷ୍ଠ ସାମ୍ବାଦିକ ସୁବ୍ରତ ସ୍ୱାଇଁ, କ୍ଷେତ୍ରବାସୀ ମହାକୁଡ଼, ବିନୟ ଭୂଷଣ ପଟ୍ଟନାୟକ, ପ୍ରଣୟ କୁମାର ପାଣି, ତାପସ ରଥ, ଅରବିନ୍ଦ ବେହେରା, ରଞ୍ଜନ ତ୍ରିପାଠୀ, ଅଭୟ ମହାନ୍ତି, ସୁଧାଂଶୁ ସାହୁ, ଅରୁଣ କୁମାର ମହାନ୍ତ, ସୁଦର୍ଶନ ସ୍ୱାଇଁ, ନିର୍ମଳ ନାୟକ, ଶଶିଭୂଷଣ ସିଂ, ଆନନ୍ଦ ପ୍ରକାଶ ଖଣ୍ଡେଇ, ସଂଗ୍ରାମ କେଶରୀ ମିଶ୍ର, ବ୍ରଜକିଶୋର ରାୟ, ସତ୍ୟବାନ ପାତ୍ର, ସରୋଜ ମହାନ୍ତ, ପିଣ୍ଟୁ ମହାନ୍ତ, ରଣଜିତ ବେହେରା, ସୁଦାମ ପତି, ସମାଜସେବୀ ସୁଢ଼ଳ ସେଠୀ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।



# ବାମନବୀର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ତୁରୁମୁଙ୍ଗା,୧୨(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଖଜିରାପାଟ ପଞ୍ଚାୟତ ଅଧୀନସ୍ଥ ହରିଚନ୍ଦନପୁରରେ ଚାଲିଥିବା ଷଷ୍ଠ ବାର୍ଷିକ ବାମନବୀର କ୍ରିକେଟ୍ ସିରିଜ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଜରକାଣି ପ୍ଲେଇଙ୍ଗ-୧୧ ଓ ଆଜାଦ କ୍ରିକେଟ୍ ଟିମ ମଣ୍ଡୁଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଜରକାଣି ଦଳ ବିଜୟୀ ହୋଇଥିବା ବେଳେ ମଣ୍ଡୁଆ ଦଳ ରନର୍ସଅପ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗ ଦେଇ ଉଭୟ ଟିମକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ବୁଦ୍ଧଦେବ ମହାକୁଡ଼ ଓ ସ୍ଥାନୀୟ ସରପଞ୍ଚ ଅମ୍ବିକା ନାଏକ ଯୋଗଦେଇଥିଲେ। ଭାଷ୍ୟକାର ଭାବେ ମାନୁ ଭାଇ, ଅରୁଣ କୁମାର ଓ ଅବିନାଶ ବାରିକ ଦାୟିତ୍ୱ ତୁଲାଇଥିଲେ। କ୍ରୀଡା ପରିଚାଳନାରେ ଟୁଲୁ ମହାନ୍ତ, ନିରୋଜ ମହାନ୍ତ, ମଣ୍ଟୁ ମହାନ୍ତ ଓ ନିରଞ୍ଜନ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



# ସିଆର୍‌ସିସିଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

**ଚମ୍ପୁଆ,୧୨(ସମିସ):** ଚମ୍ପୁଆ ବ୍ଲକ ରଜିଆ ଗ୍ରାମରେ ଥିବା ଅସନବାହାଲି କ୍ଲଷ୍ଟରର ସିଆର୍‌ସିସି ପରମେଶ୍ୱର ମହାନ୍ତଙ୍କୁ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହିପୁରସ୍କାର ସ୍ୱରୂପ ତାଙ୍କୁ ମାନପତ୍ର, ପ୍ରମାଣପତ୍ର ଟ୍ରଫି ସହ ଅର୍ଥ ପ୍ରଦାନ କରାଯାଇଛି। ସେ ଚମ୍ପୁଆ ବ୍ଲକ ତଥା କେନ୍ଦୁଝର ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି।



# ଶାଳବଣିକୁ ହରାଇ ପ୍ରଥମ ସେମିଫାଇନାଲରେ ନୟାଗଡ଼

**ବେଲବାହାଲି,୧୨(ସମିସ)**



ଟୋଲଙ୍କପଡାରେ ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିବସର ତୃତୀୟ ଏବଂ ଚତୁର୍ଥ ଲିଗ୍ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଆଜିର ତୃତୀୟ ଲିଗ୍ ମ୍ୟାଚରେ ଫକିରପୁର ଓ ଶାଳବଣି କ୍ରିକେଟ୍ କ୍ଲବର ଦୁଇ ଦଳ ମଧ୍ୟରେ ମ୍ୟାଚ ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚରେ ଶାଳବଣି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ସର୍ବାଧିକ ୮ ଓଭରରେ ୧୦୬ ରନ୍ ସଂଗ୍ରହ କରିଥିବା ବେଳେ ଫକିରପୁର ଏକାଦଶ ୮ ଓଭରରେ ୯୩ ରନ୍ ସଂଗ୍ରହ କରି ମ୍ୟାଚ୍ ପରାଜୟ ହୋଇଥିଲା। ସେହିପରି ଚତୁର୍ଥ ଲିଗ୍ ମ୍ୟାଚରେ ଟୋଲଙ୍କପଡ଼ା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ସର୍ବାଧିକ ୭ ଓଭରରେ ୧୦୭ ରନ୍ ସଂଗ୍ରହ କରିଥିବା ବେଳେ ନୟାଗଡ଼ ଏକାଦଶ ୬ ଓଭର ୪ଟି ବଲ୍‌ରେ ୧୧୧ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଜିକାର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ଶାଳବଣି ଏକାଦଶ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୫ ଓଭର ୭୯ ରନ ସଂଗ୍ରହ କରିଥିବା ବେଳେ ନୟାଗଡ଼ ଏକାଦଶ ୫ ଓଭରରେ ୮୨ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଟୋଲଙ୍କପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଖେଳରେ ଅମ୍ପାୟାର ଭାବେ କାଳନ୍ଦୀ ସା ଓ ପ୍ରିୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ଏହି ଖେଳକୁ କ୍ରିକେଟ କ୍ଲବର ସଦସ୍ୟ ମନୋଜ କୁମାର ବାରିକ, ବାପୁନୁ ସାହୁ, ଅଜୟ କୁମାର ସା, ମାଧବାନନ୍ଦ ବାରିକ, ସୁଧାଂଶୁ ନାୟକ, ପ୍ରାଣକୃଷ୍ଣ ସାହୁ, ଦୀପକ ସାହୁ, ଚନ୍ଦନ କୁମାର ସାହୁ, ବାଇଧର ଓଝା, ବୁବୁଲୁ ପଣ୍ଡା, ଗଣେଶ ପଣ୍ଡା, ସତ୍ୟସ୍ୱରୂପ ପଣ୍ଡା, ପିଙ୍କୁ ବାରିକ, ବ୍ରଜବନ୍ଧୁ ଦାସ, ତପୁ ବାରିକ, କାଳନ୍ଦୀ ବାରିକ, ରଥିଆ ବାରିକ, ପପୁ ବାରିକ ଦମନ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ବେଆଇନ ବାଲିଗଦା ଉପରେ ଚଢ଼ଉ; ୩ ଗାଡ଼ି ଜବତ

# ୫ଟି ବାଲି ଡିପୋକୁ ସିଲ୍ କଲେ ପୁଲିସ ଅଧିକାରୀ

କରଞ୍ଜିଆ, ୧।୨(ସମିସ)



ପାହାଡ଼ ପର୍ବତ ମୟୂରଭଞ୍ଜ ଜିଲ୍ଲାରେ ଅନେକ ନଦୀ, ନାଳ ରହିଛି। ଆୟତନ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ଓଡ଼ିଶାର ସର୍ବବୃହତ ଜିଲ୍ଲା। ଜିଲ୍ଲାର ବିଭିନ୍ନ ନଦୀ, ନାଳରୁ ବେଆଇନ ଭାବରେ ବାଲି ଚୋରା ଚାଲାଣ ହେଉଛି। ବାଲି ମାଫିଆ ସକ୍ରିୟ ଥିଲେ ବି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବାଲି ମାଫିଆଙ୍କୁ ରୋକିବା ପାଇଁ ସରକାର ତରଫରୁ ମାଇନିଂ ବିଭାଗକୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ମଧ୍ୟ ଦିଆଯାଇଛି; କିନ୍ତୁ ମାଇନିଂ ବିଭାଗ ସବୁ ଜାଣି ନିରବ। ପୁଲିସ ଯଦି ବେଆଡ଼ି ଗଚ୍ଛିତ ବାଲି ଜବତ କରେ ତେବେ ମାଇନିଂ ବିଭାଗ ସହଯୋଗ କରୁନାହିଁ। ଏଭଳି ପରିସ୍ଥିତି ଦେଖାଦେଇଛି କରଞ୍ଜିଆ ଥାନା ଅନ୍ତର୍ଗତ ଚଢେଇଭୋଲ ଅଞ୍ଚଳରେ। ଗୁରୁବାର ସକାଳେ କରଞ୍ଜିଆ ଥାନା ଅନ୍ତର୍ଗତ ଚଢେଇ ଭୋଳ ଅଞ୍ଚଳରେ ବେଆଇନ ବାଲି କାରବାର ଉପରେ ପୁଲିସ ଚଢ଼ଉ କରିଥିଲା। ବାଲି ଚାଲାଣ ହେଉଥିବା ବେଳେ ୨ଟି ହାଇୱା ଏବଂ ଗୋଟିଏ ଜେସିବି ଜବତ କରିଛି। ସେହିପରି ପୁଲିସ ଚଢେଇଭୋଳ ଗାଁର ୟୁକାଲିପଟାସ ଜଙ୍ଗଲ ନିକଟରେ ୫ଟି ବାଲି ଡିପୋକୁ ମଧ୍ୟ ସିଲ୍ କରିଛି। ବାଲି ସିଲ କରିବା ପରେ ମାଇନିଂ ଅଫିସକୁ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ଜଣାଇଥିଲେ ବି ମାଇନିଂ ବିଭାଗ କୌଣସି ଗୁରୁତ୍ୱ ଦେଇ ନ ଥିଲେ। ଆଜି କରଞ୍ଜିଆ ଏସଡିପିଓ ବେଆଇନ ବାଲି କାରବାର ଉପରେ ଚଢ଼ଉ କରିଥିଲେ। ଏ ନେଇ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାରଙ୍କୁ ଯୋଗାଯୋଗ କରିବାରୁ ଗାଡି ଜବତ ହୋଇଛି ଏବଂ ଗାଡିର କାଗଜପତ୍ର ଯାଞ୍ଚ ହେଉଛି। ଆସନ୍ତାକାଲି ମାଇନିଂ ବିଭାଗର ଅଧିକାରୀ ଆସି ବେଆଇନ ବାଲି ଡିପୋ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

# ସେନଗେ ସୁସୁନ କାଜିଗେ ଦୁରାଂ କାର୍ଯ୍ୟକ୍ରମ

**ସାନକେରକୋ, ୧।୨(ସମିସ):** ମାକାଳାପାଳ ମୁଣ୍ଡାରୀ ମହାସଂଘ ଆନୁକୂଲ୍ୟରେ ମୁଣ୍ଡା ସମାଜରେ ପ୍ରାଚୀନ କାରାମ ଓ ଯାଦୁର ନୃତ୍ୟ, ମୁଣ୍ଡା ସମାଜର ସଙ୍ଗୀତ ଓ ସଂସ୍କୃତିକୁ ପୁନରୁଦ୍ଧାର କରିବା, ପ୍ରାଚୀନ ମୁଣ୍ଡାରୀ ଭାଷା ଓ ମୁଣ୍ଡାରୀ ଲିପି ମୁଣ୍ଡାରୀ ବାଣୀର ବହୁଳ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟ ନେଇ ୨୮ ଏବଂ ୨୯ ତାରିଖରେ ଦୁଇ ଦିନ ଧରି ବଡସାହି ବ୍ଲକର ପୂର୍ଣ୍ଣଚନ୍ଦ୍ର ପଞ୍ଚାୟତ ଅନ୍ତର୍ଗତ କମଳାଶୋଳ ଗ୍ରାମରେ ମୁଣ୍ଡା ଆଦିବାସୀ ସମାଜର ସେନଗେ ସୁସୁନ କାଜିଗେ ଦୁରାଂର ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସେନଗେ ସୁସୁନ କାଜିଗେ ଦୁରାଂର ଅର୍ଥ ହେଉଛି ଚାଲି ହିଁ ନାଚ, କଥା ହିଁ ଗୀତ। ମୁଣ୍ଡାରୀ ଭାଷା, ସଙ୍ଗୀତ ଓ ନୃତ୍ୟ ଆମ ମୁଣ୍ଡାରୀ ସମାଜର ଲୋକଙ୍କୁ ତାଙ୍କ ଆଦିବାସୀ ସଭ୍ୟତା, ଇତିହାସ ଓ ସଂସ୍କୃତି ସହିତ ସମ୍ପର୍କ ସ୍ଥାପିତ କରିବାରେ ସହାୟକ ହୋଇ ତାଙ୍କ ଜୀବନ ଶୈଳୀରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛି।



ମୁଣ୍ଡା ଆଦିବାସୀ ସମାଜର ପୁରାତନ ମୁଣ୍ଡାରୀ ଭାଷା, କାରାମ ଓ ଯାଦୁର ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଚଳିତବର୍ଷ ମଧ୍ୟ ସାତଟି ମୁଣ୍ଡାରୀ କାରାମ ଓ ଯାଦୁର ନୃତ୍ୟ ଦଳ ଏହି ସଂସ୍କୃତିକ ମହୋତ୍ସବରେ ଅଂଶ ଗ୍ରହଣ କରିଥିଲେ। ଏହାବ୍ୟତୀତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଅନେକ ସ୍ଥାନରୁ ମୁଣ୍ଡା ସମାଜର ସାମାଜିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ଭାରତ ମୁଣ୍ଡା ସମାଜର ଓଡ଼ିଶା ରାଜ୍ୟ ସଭାପତି ରବୀନ୍ଦ୍ରନାଥ ସିଂ ମୁଖ୍ୟ ଅତିଥି, ମୟୂରଭଞ୍ଜ ଜିଲ୍ଲା ସଭାପତି ଶିବପ୍ରସାଦ ସିଂହ ମୁଖ୍ୟ ବକ୍ତା, ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ଜିଲ୍ଲା ସମ୍ପାଦକ ଶଶଧର ସିଂହ, କାର୍ଯ୍ୟକ୍ରମର ମୁଖ୍ୟ ଉପଦେଷ୍ଟା କପିଳେଶ୍ୱର ସିଂହ, ମୁଖ୍ୟ ଆବାହକ ସୁକୁଲାଲ ସିଂହ ଯୋଗ ଦେଇ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ବୈଦ୍ୟନାଥ ସିଂହ କାର୍ଯ୍ୟକ୍ରମରେ ସଭାପତି କରିଥିଲେ।

## ବାଗୁଲି ଆଶ୍ରମକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବଡସାହି, ୧।୨(ସମିସ):** ବଡସାହି ବ୍ଲକ କୋଚିଳାଖୁଣ୍ଟା ପଞ୍ଚାୟତ ବାଗୁଲି ଆଶ୍ରମ ବିଦ୍ୟାଳୟକୁ ଜିଲ୍ଲା ସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ ମିଳିଛି। ସେହିପରି ବ୍ୟକ୍ତିଗତ ବର୍ଗରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ମନୋଭାବର ବିକାଶ କରିବା ସହିତ ଶିକ୍ଷାର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିବା ଆରମ୍ଭ କରିଛନ୍ତି। ଏତଦବାଦ ବିଦ୍ୟାଳୟର ଶିକ୍ଷାଦାନ, କିଚେନ ଗାର୍ଡେନ, ସହ-ଶୈକ୍ଷିକ କାର୍ଯ୍ୟକ୍ରମ ଆଦି ବିଭାଗ ଗୁଡିକୁ ମୂଲ୍ୟାୟନ କରାଯାଇ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

● ଜାତୀୟ ରାଜପଥ ବନ୍ଦ ଡାକରା ପ୍ରସଙ୍ଗ

## ଭଞ୍ଜସେନା-ଜିଲ୍ଲା ପ୍ରଶାସନର ଆଲୋଚନା



**ବାରିପଦା, ୧।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସହିତ ଭଞ୍ଜସେନାର ଜାତୀୟ ରାଜପଥ ବନ୍ଦ ଡାକରାକୁ ନେଇ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତିକରଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ କାମ ନ ହେବାରୁ ଦୁର୍ଘଟଣା ହେଉଛି। କିଛି ଦିନ ପୂର୍ବେ ଯାତ୍ରା ପାର୍ଟିର ଟ୍ରକ ଘାଟି ତଳକୁ ଖସିବାରୁ ୬ଜଣଙ୍କ ମୃତ୍ୟୁ ହେବା ସହିତ ୯ ଗୁରୁତର ହୋଇଥିଲେ। ଭଞ୍ଜସେନା ପକ୍ଷରୁ ବହୁବାର ରାସ୍ତା ଅବରୋଧ ମଧ୍ୟ କରାଯାଇଛି। ହେଲେ ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ଚୁପ ହୋଇ ରହିଛନ୍ତି। ଇତି ମଧ୍ୟରେ ଅନେକ ନିରୀହଙ୍କ ଜୀବନ ଗଲାଣି। ତେଣୁ ଘାଟି ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଦାବି କରି ଭଞ୍ଜସେନା ପକ୍ଷରୁ ଶୁକ୍ରବାର ଘାଟି ରାସ୍ତା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିବାକୁ ଡାକରା ଦିଆଯାଇଥିଲା। ଏହାକୁ ନେଇ ଜିଲ୍ଲାପାଳ ଆଶିଷ ଠାକରେଙ୍କ ସହିତ ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ ରାଉତ, ସଭାପତି ପିଣ୍ଟୁ ମାଇତି, ରାକେଶ ବେହେରା, ବାଜୁନ ହାଁସଦା, ଏସ କେ ରାଜାଖାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଘାଟି ରାସ୍ତା ପାର୍ଶ୍ୱ ଦୁଇ ଫୁଟ ଚଉଡା କରିବା, ଉଭୟ ପଟରେ ଦୁଇଟି ଆମ୍ବୁଲାନ୍ସ ନିୟୋଜିତ କରିବା, ପୁଲିସ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଡ୍ରଙ୍କ ଏଣ୍ଡ ଡ୍ରାଇଭ ଏବଂ ଓଭର ଲୋଡିଂ ଯାଞ୍ଚ କରିବା, ମୃତକ ପରିବାରକୁ ରେଡକ୍ରସରୁ ୨୦ହଜାର ଟଙ୍କାର ସହାୟତା ରାଶି ଆଦି ଦାବିନେଇ ଆଲୋଚନା ସଫଳ ହୋଇଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଭଞ୍ଜସେନା ବନ୍ଦ ଡାକରା ନିଷ୍ପତ୍ତିରୁ ଓହରିନାହିଁ।

## ମୟୂରଭଞ୍ଜ ପେଟ୍ରୋଲିୟମ୍ ଡିଲର ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର



**ବାରିପଦା, ୧।୨(ସମିସ):** ମୟୂରଭଞ୍ଜ ପେଟ୍ରୋଲିୟମ ଡିଲର ଆସୋସିଏସନ ପକ୍ଷରୁ ଏକ ରକ୍ତଦାନ ଶିବିର ବାରିପଦା ତକତପୁରର ସ୍ଥିତ ହୋଲି ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାରିପଦା ରକ୍ତ ଭଣ୍ଡାରର ଡାକ୍ତର ଓ ବୈଷୟିକ ଟିମ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ କରିଥିଲେ। ଆସୋସିଏସନ ସଭାପତି ସତୀଶ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ସମ୍ପାଦକ ବିଜୟ କୁମାର ସାହାଙ୍କ ସହିତ ସମସ୍ତ ସଦସ୍ୟ/ସଦସ୍ୟା ସହାୟତା କରିଥିଲେ।

## ମିଶନ ଶକ୍ତି କାଫେରେ ଝୁଲୁଛି ତାଲା

**ବହଳଦା, ୧।୨(ସମିସ):** ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ସରକାର ମିଶନଶକ୍ତି ଜରିଆରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ କରୁଛନ୍ତି। ବିଦେଶ ଯାଇ ଜ୍ଞାନକୌଶଳ ଶିଖିବା ସହ ଆମ ରାଜ୍ୟରେ ମା'ମାନଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ କିପରି ବିଶ୍ୱବଜାର ବଜାର ସୃଷ୍ଟି କରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ପରିଣାମ ସ୍ୱରୂପ ବହଳଦା ବ୍ଲକର ୨ଜଣ ବ୍ଲକ ଫେଡେରସନର ସଭାପତି ରଶ୍ମିତା ମହାକୁଡ଼ ଓ ସମ୍ପାଦିକା ସେବତୀ ମହାନ୍ତ ଦୁବାଇ ଗସ୍ତକରି ଆସିସାରିଲେଣି। କିନ୍ତୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିବା ଶକ୍ତି କାଫେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହୋଇ ତାଲା ଝୁଲୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହା ଖୁବ ସୁଚାରୁରୂପେ ପରିଚାଳିତ ହେଉଥିବାବେଳେ ବହଳଦାରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।




# ଏମ୍‌ପିସି ହାଇସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ

**ବେତନଟୀ, ୧।୨(ସମିସ):** ବେତନଟୀ ଏମପିସି ହାଇସ୍କୁଲରେ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରିଣୀ ଦୀପ୍ତି ନାୟକ, ମୁଖ୍ୟବକ୍ତା ଭାବେ ବେତନଟୀର ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାଶ, ସମ୍ମାନୀତଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ରମାକାନ୍ତ ନାୟକ, ୩୫ନଂ ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ସରପଞ୍ଚ ପାନମଣି ମୁର୍ମୁ, ସମିତିସଭ୍ୟ ରଣଜିତ ସିଂ, ଆଲୁମିନି ଆସୋସିଏସନର ଉପସଭାପତି ଜୟନ୍ତ ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ତପନ କୁମାର ପିରଡା ପ୍ରମୁଖ ଅତିଥିଅଧିକାରୀଗଣ ମଞ୍ଚାସୀନ ଥିଲେ। ସମୟର ସଦୁପଯୋଗ ସାଙ୍ଗକୁ ନିଷ୍ଠାପର ତଥା କଠିନ ପରିଶ୍ରମ ଦ୍ୱାରା କିଭଳି ନିଜକୁ ଭିଷ୍ୟତର ଜଣେ ଜଣେ ଉତ୍ତମ ଚରିତ୍ରବାନ ଏବଂ ଦାୟିତ୍ୱବାନ ନାଗରିକ ଭାବରେ ଗଢିତୋଳି ରାଷ୍ଟ୍ରସେବାରେ ନିୟୋଜିତ ହେବେ ସେନେଇ ମଞ୍ଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ନିରୋଦ କୁମାର ମହାନ୍ତ ସ୍ୱାଗତଭାଷଣ ଏବଂ ଅତିଥି ପରିଚୟ ଦେଇଥିଲେ। ୨୦୨୩ ମସିହା ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଦେବପ୍ରସାଦ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କାର ସାଙ୍ଗକୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଖଣ୍ଡ ଡାକ୍ତରଖାନାରେ ଡାଇଲିସିସ୍ ସେଣ୍ଟର ଉଦ୍‌ଘାଟିତ

**ଉଦଳା, ୧।୨(ସମିସ):** ଗୁରୁବାର ଅପରାହ୍ନରେ ଉଦଳା ଉପଖଣ୍ଡ ଡାକ୍ତରଖାନାରେ ଏକ ଡାଇଲିସିସ୍ ସେଣ୍ଟର ଆଭାସୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ଉଦଳା ବ୍ଲକ ପରିସରରେ ଅଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ସବୁ ଓଡ଼ିଆଙ୍କ ଜୀବନକୁ ସୁରକ୍ଷିତ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଉଦଘାଟନ ଉତ୍ସବରେ ୫-ଟି ତଥା ମୋ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦଳା ଅଞ୍ଚଳରୁ ହୋଇଥିବା ଦାବିକୁ ମୁଖ୍ୟମନ୍ତ୍ରୀ ଆଜି ସଫଳ କରିଛନ୍ତି। ଜିଲ୍ଲାପାଳ ଆଶିଷ ଠାକରେ ଉଦଘାଟନ ଉତ୍ସବର ନେତୃତ୍ୱ ନେଇଥିଲେ। ତେବେ ସ୍ଥାନୀୟ ବାସିନ୍ଦା ତଥା ଡାଏଲେସିସ ରୋଗୀ ଚିତ୍ତରଞ୍ଜନ ବେହେରା ଏହା ଅଞ୍ଚଳ ପାଇଁ କେତେ ଗୁରୁତ୍ୱ ତାହା ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ଅଧୀକ୍ଷକ ଡ. ଲକ୍ଷ୍ମୀକାନ୍ତ ପତି, ବିଡିଓ ତୃପ୍ତି ବରାଇ, ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଏସ୍‌ଡିପିଓ ଦୋଳମଣି ଭୋଇ, ଡ଼ ମହେଶ୍ୱର ଦାସ, ବିଧାୟକ ଭାସ୍କର ମଡେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଡ. ମନୋରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ମଞ୍ଜୁଲତା ବିଶ୍ୱାଳ, ହସ୍ପିଟାଲ ମ୍ୟାନେଜର ନିରୁପମା ମହାନ୍ତି ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।




# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ବହଳଦା, ୧।୨(ସମିସ):** ବହଳଦା ଧୀରଜଲାଲ ମହାବିଦ୍ୟାଳୟରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା 'ନୂଆ- ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ୩୧ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀଧର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଡାଳଗାଁର ଓଡ଼ିଆ ଅଧ୍ୟାପକ ଭଗବାନ ପାଲ, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ରାଜେନ୍ଦ୍ର କୁମାର ମଣ୍ଡଳ, ଜାମଦା+୨ ମହାବିଦ୍ୟାଳୟର ବଳରାମ ମହାନ୍ତ, ମୟୂରଭଞ୍ଜ କଲେଜ ଅଫ ମ୍ୟାନେଜମେଣ୍ଟ ଓ ଆକାଉଣ୍ଟେନସୀର ତୃପ୍ତି ଦାସ, ଗୋରୁମହିଷାଣୀ ଆଇରନ କଲେଜର ପ୍ରକାଶ ମଣ୍ଡଳ, ଡି.ଏଲ କଲେଜ ପରିଚାଳନା ପରିଷଦର ସଭାପତି କୃଷ୍ଣଚନ୍ଦ୍ର କର ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଧାପକ ଜନକ କୁମାର ଗିରି ସଭା ପରିଚାଳନା ଓ ଅଧ୍ୟାପିକା ସୁବାନୀ ସୋରେନ ଧନ୍ୟବାଦ ଦେଇଥିଲେ।

## ୩ ବାଲି ବୋଝେଇ ଗାଡ଼ି ଜବତ

**ଝାରପୋଖରିଆ, ୧।୨(ସମିସ):** ସାରସକଣା ତହସିଲ ଅଞ୍ଚଳରେ ଚୋରା ବାଲି ବେପାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେବେ ସରକାରୀ ସ୍ତରରେ ନିଲାମ ହୋଇଥିଲେ ମଧ୍ୟ ସୈରାତକୁ ଚାଲୁ କରିବାର କୌଣସି ଖବର ମଧ୍ୟ ନାହିଁ। ଏହାର ସୁଯୋଗ ନେଇ ଚୋରା କାରବାର ବେଶ ସୁହାଇଛି। ପ୍ରତିଦିନ ନିଲାମ ସୈରାତ ସହ ଅନ୍ୟୂନ ୮ଟି ବାଲି ଘାଟରୁ ୧୦୦ରୁ ଊର୍ଦ୍ଧ୍ୱ ହାଇୱା ସହ ବଡ଼ ଟ୍ରକରେ ବାଲି ଚୋରା ଚାଲାଣ ହେଉଛି। ଗତକାଲି ପଶ୍ଚିମବଙ୍ଗ ଅଞ୍ଚଳରୁ ରାତ୍ରିରେ ୩ଟି ହାଇୱା ଜବତ କରିବା ସହିତ ୬ ଜଣଙ୍କୁ ଅଟକ ରଖିଛି ପୁଲିସ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବେତନଟୀ, ୧।୨(ସମିସ):** ବେତନଟୀ ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତଦୁଇ ଛାତ୍ରୀମାନଙ୍କୁ ନେଇ ପରିଚାଳିତ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ବେତନଟୀ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ପ୍ରାଧାପିକା ସଂଯୁକ୍ତା ଜୀ ମଞ୍ଚାସୀନ ଥିଲେ। ପ୍ରୋଗ୍ରାମ ଅଧିକାରିଣୀ ଅଧ୍ୟାପିକା କଳ୍ପଲତା ବେହେରାଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗମୁଖ୍ୟ କଳ୍ପନା ଜେନା, ସମ୍ମାନିତଅତିଥି ଭାବେ ବାରିପଦାସ୍ଥିତ ଏମପିସି ହାୟାର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଡ. ଉପେନ୍ଦ୍ର କୁମାର ମାଝୀ, ଛାତ୍ରୀ ଆତରକ୍ଷା ପ୍ରଶିକ୍ଷଣ ଅଭିଯାନର ଜିଲ୍ଲା ନୋଡାଲ ଅଧିକାରୀ ଡ. ସୁଦର୍ଶନ ସିଂ, ସହ-ସଂଯୋଜିକା ଆଦଶ୍ୟକ୍ତି ସିଂ, କରୀସ୍ମା ରଣା, ମଧୁସ୍ମିତା ବେହେରା ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ। ୮ ଦିନବ୍ୟାପୀ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ୧୯୯ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧାପିକା କରିସ୍ମା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ମୃତିରଞ୍ଜନ ପାଣି ସମ୍ବର୍ଦ୍ଧିତ



**ଝରାଡ଼ିହି, ୧।୨(ସମିସ):** ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଲେଶ୍ୱର ବାହାନଗାଠାରେ ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ଆହତଙ୍କୁ ସହଯୋଗର ହାତ ବଢ଼ାଇଥିଲା ରେଡକ୍ରସ। ସେହି ସମୟରେ ଉଲ୍ଲେଖନୀୟ ସେବା ପାଇଁ ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଦିଲ୍ଲୀପ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଜେଆରସିଓ ଶ୍ରୀ ପାଣିଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ପରିକ୍ରମାର ତ୍ରୟୋଦଶ ସ୍ୱନକ୍ଷତ୍ର ସମାରୋହ

# 'ରାଜ୍ୟସ୍ତରରେ ପ୍ରତିଭା ଚୟନର ମୁଖଶାଳା'

ରାଇରଙ୍ଗପୁର, ୧।୨(ସମିସ)



ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାରେ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ପରିକ୍ରମା' ତା'ର ଜୟଯାତ୍ରା ଜାରି ରଖିଛି। ପ୍ରତିଭା ଚୟନ ଦିଗରେ ଏହି ଅନୁଷ୍ଠାନ ନିଜର ଏକ ସ୍ୱାତ୍ୟନ୍ତ୍ରତା ବଜାୟ ରଖିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। 'ପରିକ୍ରମା'ର ତ୍ରୟୋଦଶ ସ୍ୱନକ୍ଷତ୍ର ସମାରୋହ ପିସିଏମ୍ କଲ୍ୟାଣ ମଣ୍ଡପରେ ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ ଓତା, ଦୈନିକ 'ସକାଳ'ର ବରିଷ୍ଠ ସହ ସମ୍ପାଦକ ବିମଳ କୃଷ୍ଣ ଥମ୍ବ ଓ ବିଶିଷ୍ଟ ସମବାୟବିତ୍ ପରମେଶ୍ୱର ଦାସ ମଞ୍ଚାସୀନ ଥିଲେ। ପରିକ୍ରମାର ଅଧ୍ୟକ୍ଷ ଈଶାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ପାଦକ ସୁଭାଷ ଚନ୍ଦ୍ର ମଣ୍ଡଳ ନିଜ ବକ୍ତବ୍ୟ ରଖିଥିଲେ। ଏହି ସଭାକୁ ଶିକ୍ଷକ ରଞ୍ଜନ କୁମାର ନନ୍ଦ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ରାମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ଅତିଥିମାନେ ମାନପତ୍ର ଓ ନାମଫଳକ ଦେଇ ସମ୍ମାନିତ କରିଥିଲେ। ଜୀବନବ୍ୟାପୀ ସାଧନା ପାଇଁ ଶିକ୍ଷାବିତ ତଥା ସାରସ୍ୱତ ସାଧକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଶିମିଳିପାଳ ଗୌରବ ସମ୍ମାନ-୨୦୨୩ରେ ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ, ବିଶିଷ୍ଟ ଛଉନୃତ୍ୟ ଗୁରୁ କୃଷ୍ଣ ସିଂ ମହାନ୍ତ, ସମାଜସେବୀ ସ୍ୱାନନ୍ଦ ବାନାର୍ଜୀ, ସୁଜିତ୍ ପଟ୍ଟନାୟକ, ବିଶିଷ୍ଟ ସାଂସ୍କୃତିକ ସଙ୍ଗଠକ ମନୋଜ କୁମାର ବେହେରା, ବିଶିଷ୍ଟ କ୍ରୀଡାବିତ୍ ଧର୍ମପଦ ମହାନ୍ତ, ଗୋସେବା ଗୌରବ ସମ୍ମାନ ରାଇରଙ୍ଗପୁର ଗୋଶାଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିକ୍ରମା ଉତ୍କର୍ଷ ସମ୍ମାନ-୨୦୨୩ରେ ଉଦୀୟମାନ ଗୀତିକାର ହରେନ୍ଦ୍ର ନାରାୟଣ ଦାସ, ଯୋଗ ପ୍ରଶିକ୍ଷିକା ରୂପାଲି ମହାନ୍ତି, ସାମ୍ବାଦିକ ସୁବ୍ରତ ମହାନ୍ତି, ବାଲୁକା ଚିତ୍ରଶିଳ୍ପୀ ଅଜୟ କୁମାର ଘୋଷ, ଲୋକ ସଙ୍ଗୀତ ନିର୍ଦ୍ଦେଶକ ଅରୂପ କୁମାର ମହାନ୍ତ, ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଣବ କୁମାର ମହାନ୍ତ, କଣ୍ଠଶିଳ୍ପୀ ମହାନ୍ତ ସୀମା କୈଳିୟାର ଓ ଯୁବ ନେତା ସରପଞ୍ଚ ସାଉନା ମାଝୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜଗନ୍ନାଥ ଦାସଙ୍କ ସଙ୍ଗୀତ ପରିଚାଳନାରେ 'ଏକ ଶାମ୍-ମହମ୍ମଦ ରଫିକେ ନାମ୍' ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ପ୍ରତୀକ ପଣ୍ଡା ଓ ଶର୍ମିଳା ସିଂ ପତି ନିଜ ସଙ୍ଗୀତର ଯାଦୁକରୀରେ ଶ୍ରୋତାଙ୍କୁ ବିମୋହିତ କରିଥିଲେ। ଉତ୍ସବକୁ ସଫଳ କରାଇବାରେ ଦୁଷ୍ମନ୍ତ ଦାସ, ଶକ୍ତିକାନ୍ତ ଦାସ, କିଶୋର ମଲ୍ଲିକ, ସୌରଭ ପଟ୍ଟନାୟକ, ସୁଶୀଳ ମହାନ୍ତି, ଖୁଦିରାମ ମହାନ୍ତି, କଟିଆ ପରିଛା ପ୍ରମୁଖ ସହଯୋଗ କରିଥିଲେ।

## ଜାମଦା ବ୍ଲକରେ ସଶକ୍ତ ଓଡ଼ିଶା ସାଥୀ ଶିବିର

ଜାମଦା, ୧।୨(ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘଟି ଉପଖଣ୍ଡ ଜାମଦା ବ୍ଲକ ପରିସରରେ ରାଇରଙ୍ଗପୁର ଆଇ.ଟି.ଡି.ଏ ଏବଂ ଜାମଦା ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସଶକ୍ତ ଓଡ଼ିଶା ସାଥୀ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଦେବାଶିଷ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଡୁମକା ହେମ୍ବ୍ରମ, ଆଇ.ଟି.ଡି.ଏ ଏଡିଡବ୍ଲୁ ଜ୍ଞାନେନ୍ଦ୍ର କୁମାର ସାମଲ, ୧୬ ନଂ ଜିଲ୍ଲା ପରିଷଦ ବାବଲୁ ଟୁଡୁ, ୧୭ ନଂ ଜିଲ୍ଲା ପରିଷଦ ପୂର୍ଣ୍ଣ ଚନ୍ଦ୍ର ମାର୍ଣ୍ଡି, ମୟୂରଭଞ୍ଜ ହୋ ସମାଜ ସଭାପତି ମଟକା ବିରୁଆ, ବିଜୁ ମହିଳା ଜନତା ଦଳର ବ୍ଲକ ସଭାପତି ପାର୍ବତୀ ବିରୁଆ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ଦାସ, ଏସଡିସି ସଦସ୍ୟ ନବୀନ କୁମାର ମହନ୍ତ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ସାଥୀ ଶିବିରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜନଜାତି, ସଂସ୍କୃତି, ପ୍ରଗତିକୁ ଆଧାର କରି ସଶକ୍ତ ଓଡ଼ିଶା ବିକଶିତ ଓଡ଼ିଶା ଗଠନର ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ସ୍ତମ୍ଭକାର ଲଳିତ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହାସହିତ ସଂସ୍କୃତି, ସଙ୍ଗୀତ, ସାମାଜିକ, ନୃତ୍ୟ, ଆୟୁର୍ବେଦିକ ଚିକିତ୍ସା ଆଦି ବିଭିନ୍ନ ଦିଗରେ ପାରଦର୍ଶିତା ୨୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଇଁପୁର, ତାରଣା ଏବଂ ବାଦୁଡୁମା ନୃତ୍ୟ ଗ୍ରୁପ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ।

## ଧୀରଜଲାଲ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବହଳଦା, ୧।୨(ସମିସ): ବହଳଦା ଧୀରଜଲାଲ ମହାବିଦ୍ୟାଳୟରେ 'ନୂଆ-ଓ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ପକ୍ଷରୁ 'ଜଗନ୍ନାଥ ସଂସ୍କୃତି ଓ ଆଦିବାସୀ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଧର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ସୁନାମଧନ୍ୟ ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଧାପକ ଡ଼ଃ ରବୀନ୍ଦ୍ର କୁମାର ବିହାରୀ ଯୋଗଦେଇ ଜଗନ୍ନାଥଙ୍କ ମହିମା ଓ ଗରିମାମୟ ଓଡ଼ିଆ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଧାପକ ଜନକ କୁମାର ଗିରି ଏହା ପରିଚାଳନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପିକା ସୁବାନୀ ସୋରେନ ଜଗନ୍ନାଥ ଓ ଆଦିବାସୀ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

### ନଳକୂପ ଅଚଳ; ଲୋକେ ପିଉଛନ୍ତି ନାଳ ପାଣି

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଠାକୁରମୁଣ୍ଡା, ୧।୨(ସମିସ): ଗ୍ରାମବାସୀଙ୍କ ନିମନ୍ତେ ଶୁଦ୍ଧ ପାନୀୟ ଜଳର କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ବାଧ ହୋଇ ପିଉଛନ୍ତି ନାଳ ପାଣି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେଶଡ଼ିହା ପଞ୍ଚାୟତ ନୂଆ କେଶଡ଼ିହା ଗ୍ରାମରେ। ଗାଁର ସମସ୍ତ ପରିବାରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ପ୍ରଶାସନ ବିଫଳ ହୋଇଛି। ସୂଚନା ଅନୁଯାୟୀ, ନୂଆ କେଶଡ଼ିହା ଗ୍ରାମର ଜନସଂଖ୍ୟା ପ୍ରାୟ ୩୫୦ରୁ ଅଧିକ। ଗ୍ରାମରେ ସରକାରଙ୍କ ତରଫରୁ ୧୯୯୩-୯୪ ମସିହାରେ ଗୋଟିଏ ନଳକୂପ ସ୍ଥାପନ ହୋଇଥିଲା; ହେଲେ ଏବେ ଏହି ନଳକୂପଟି ଅଚଳ ହୋଇପଡ଼ିଛି। ଫଳରେ ଲୋକେ ପିଇବା ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଳକୂପଟି ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଥିଲେ ହେଁ ପ୍ରଶାସନ ମରାମତି କରିବାରେ ନାଁ ଧରୁନାହିଁ। ତେଣୁ ଗ୍ରାମବାସୀ ବାଧ ହୋଇ ନାଳ ପାଣି ବ୍ୟବହାର କରୁଛନ୍ତି। ଗ୍ରାମରେ ଥିବା ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି ରହିଥିଲେ ମଧ୍ୟ କୌଣସି ନଳକୂପ ଆଜିଯାଏ ସ୍ଥାପନ କରାଯାଇନାହିଁ। ଫଳରେ ଶିଶୁମାନେ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ଏଣୁ



ବାଧହୋଇ ଗ୍ରାମବାସୀ ଠାକୁରମୁଣ୍ଡା ବିଡ଼ିଓଙ୍କୁ ଲିଖିତଭାବେ ଜଣାଇଛନ୍ତି। ତୁରନ୍ତ ଗ୍ରାମରେ ଏକ ନଳକୂପ ସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଗ୍ରାମବାସୀ। ନାଳ ପାଣି ବ୍ୟବହାର କରୁଥିବାରୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ପ୍ରଶାସନ ପିଇବା ପାଣି ବ୍ୟବସ୍ଥା ନ କଲେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବ ବୋଲି ଚେତାବନୀ ଦେଇଛନ୍ତି।

## ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର

ବିଶୋଇ, ୧।୨ (ସମିସ): ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ସହିତ ଧାର୍ମିକସ୍ଥଳ ଓ ବିଦ୍ୟାଳୟ



ରୂପାନ୍ତରୀକରଣ କରାଯାଉଥିବା ବେଳେ ଏହାକୁ ଲୋକାଭିମୁଖି କରିବା ପାଇଁ ପଞ୍ଚାୟତ ସ୍ତରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ବିଶୋଇ ବ୍ଲକ ବନେଇକଳା ଓ ଅସନା ପଞ୍ଚାୟତରେ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ଡିଜିଟାଲ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଏହି ଅବସରରେ ଖାଉଟି, ମଧୁବାବୁ ପେନସନ, କୃଷି, ପାନୀୟ ଜଳଯୋଗାଣ ଓ ପରିମଳ, ରାଜସ୍ୱ, ଆବାସ, ସ୍ୱାସ୍ଥ୍ୟ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବିଡ଼ିଓ ସଂଯୁକ୍ତା ବାଆ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କନିଷ୍ଠଯନ୍ତ୍ରୀ ସୁକୁରାମ ସିଂ ଓ ଭରତ ଚନ୍ଦ୍ର ସିଂ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସେହିପରି ଅସନା ପଞ୍ଚାୟତର ସରପଞ୍ଚ ସାବିତ୍ରୀ ନାଏକ, ପଞ୍ଚାୟତସମିତି ସଦସ୍ୟ ଗୀତାଞ୍ଜଳି ଗିରି, ପିଇଓ ରବୀନ୍ଦ୍ରନାଥ ସିଂ, ଯୋଗାଣ ସହାୟକ ଅଜିତ ଧୀର, ମାନସଶଙ୍କର ଗିରି, ଗୋପବନ୍ଧୁ ଗିରି ଏବଂ ବନେଇକଳା ପଞ୍ଚାୟତର ସରପଞ୍ଚ ମାଳତୀ ମାଝୀ, ପିଇଓ କେଶବ ବେହେରା, ପଞ୍ଚାୟତ ସମିତି ସଦସ୍ୟା ସାବିତ୍ରୀ ପୂର୍ତ୍ତି, ପ୍ରାକ୍ତନ ସରପଞ୍ଚ ମୋହନ ମାଝୀ ପ୍ରମୁଖ ପରିଚାଳନା କରିଥିଲେ।

## ବହଳଦା ଓ ତିରିଂ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବହଳଦା, ୧।୨(ସମିସ): ବହଳଦା ଓ ତିରିଂ ଥାନାରେ ନୂତନ ଭାବେ ଯୋଗଦେଇଥିବା ଥାନା ଅଧିକାରୀଙ୍କୁ ଅନ୍ତର୍ରାଷ୍ଟ୍ରୀୟ ମାନବଧିକାର ରକ୍ଷକ ସଂଗଠନ (ଆଇଏଚଆରଡି) ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବହଳଦା ଥାନାରେ ରଞ୍ଜନ କୁମାର ବେହେରାଙ୍କ ସ୍ଥାନରେ ଇନିସପେକ୍ଟର ବୀରେନ୍ଦ୍ର କୁମାର ରାଉତ ଏବଂ ତିରିଂ ଥାନାରେ ଭାସ୍କର ପ୍ରଧାନଙ୍କ ସ୍ଥାନରେ ଇନ୍ସପେକଟର ପ୍ରଶାନ୍ତ କୁମାର ଜେନା ଯୋଗ ଦେଇଛନ୍ତି। ତେବେ ଆଜି ଇଣ୍ଟର ନ୍ୟାସନାଲ ହ୍ୟୁମ୍ୟାନ ରାଇଟସ୍ ଡିଫେଣ୍ଡର ମାନବଧିକାର ସଂଗଠନ ବହଳଦା ବ୍ଲକ ବୋର୍ଡ ସଭାପତି ପୀତାମ୍ବର ମୁର୍ମୁ, ଭିତରାମଦା ଗ୍ରାମପଞ୍ଚାୟତ ବୋର୍ଡ ସଭାପତି ଦେବଦତ୍ତ ରାମସ୍ୱରୂପ ଟୁଡୁ, ସମାଜସେବୀ ପ୍ରଭା ଦାସ, ଗିଦିଘାଟୀ ଗ୍ରାମପଞ୍ଚାୟତ ବୋର୍ଡ ସଭାପତି ମୋହନ ମାହାଲି, ଯଶିପୁର ଗ୍ରାମପଞ୍ଚାୟତ ବୋର୍ଡ ସଭାପତି କାହ୍ନୁଚରଣ ସୋରେନ୍, ସଂଗଠନ ସଦସ୍ୟ ଲେବ ସୋରେନ, ସାଓନା ହେମ୍ବ୍ରମ ଓ ବହଳଦା ବ୍ଲକ ବୋର୍ଡ ସମ୍ପାଦକ ରାଜକୁମାର ପାତ୍ର ପ୍ରମୁଖ ଥାନାଧିକାରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

କୁଆଁମରା, ୧।୨(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁମନ୍ତ କୁମାର ଦାସ, ମୁଖ୍ୟ ବକ୍ତା କଲେଜ ପ୍ରତିଷ୍ଠାତା କୃଷ୍ଣମୋହନ ବେହେରା, ସମ୍ମାନିତ ଅତିଥି ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପିକା କବିତା ପରିଡ଼ା ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ।



ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାଇଁକୁଳା ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡଃ ଶ୍ୟାମସୁନ୍ଦର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଗୁଣାକର ଦାସ ପୌରୋହିତ୍ୟ କରିଥିଲେ। ଅନ୍ୟ ଅତିଥି ଭାବେ ଅଧ୍ୟାପକ ଜୟନ୍ତ କୁମାର ପତି, ସୁଧୀର କୁମାର ରୂପ, ଉର୍ମିଳା ନାୟକ, ଜୟନ୍ତ କୁମାର ପ୍ରଧାନ, ମୁକ୍ତିପ୍ରିୟ ମିଶ୍ର ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

## କାଦଡିହା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

କରଞ୍ଜିଆ, ୧।୨(ସମିସ): ବୁଧବାର କାଦଡିହା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଯାଇଛି। ଏହି ମୁଖ୍ୟ ଅତିଥି ଭାବେ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଅଧ୍ୟାପକ ତପନ କୁମାର ବେହେରା ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଇପ୍ସିତା ବେହେରା ଅତିଥି ପରିଚୟ ଓ ଅଧ୍ୟାପକ ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ହୋଇଥିବା ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ମିତାରାଣି ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ

ମହୁଲଡିହା, ୧।୨ (ସମିସ): ଠାକୁରମୁଣ୍ଡା ବ୍ଲକ ପଡ଼ିଆବେଡ଼ାସ୍ଥିତ ଫୁଲମତୀ ହେମ୍ବ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ - ଓ', ଯୁବ ଓଡ଼ିଶା ନବୀନ ଓଡ଼ିଶା ଦ୍ୱିତୀୟ ପର୍ଯ୍ୟାୟର ବିଶ୍ୱ ଓଡ଼ିଆ ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ପ୍ରସାର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ଅବସରରେ ୧୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପ୍ରମାଣପତ୍ର ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ଦୁର୍ଗାଶଙ୍କର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଲୋଚନ ନନ୍ଦ, ରମଣୀ ରଞ୍ଜନ ନାୟକ, ଭାଗିରଥି ମହାନ୍ତ ଓ ପ୍ରମୋଦ ନାଏକ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଜଗଜ୍ଜୀବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡି. ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଖୁଣ୍ଟା, ୧।୨(ସମିସ): ଖୁଣ୍ଟା ବ୍ଲକ ଡ଼ି. ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଲୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଘନଶ୍ୟାମ ମୁର୍ମୁ, ସମ୍ମାନିତ ଅତିଥିଭାବେ ଏବିଓ ବୃନ୍ଦାବନ ମାରାଣ୍ଡି ଓ ଅଞ୍ଜଳି ମହାନ୍ତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଠାକୁର ଚରଣ ମୁର୍ମୁ ଓ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଗ୍ରହଣ ସହ ଚରିତ୍ରବାନ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଜୟ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ବଡ଼ଖମଣ ହାଇସ୍କୁଲର ବାର୍ଷିକ ଉତ୍ସବ

ଉଦଳା, ୧।୨(ସମିସ): ଉଦଳା ବ୍ଲକ ବଡ଼ଖମଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗବତ ବେହେରା ସଭାପତିତ୍ୱ କରିଥିବାବେଳେ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାମନ୍ତସିଂହାର ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ଧିରେନ କୁମାର ମାର୍ଣ୍ଡି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ଅତିଥି ଭାବରେ କୃଷ୍ଣଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ମାଟିଫୁଲ ପତ୍ରିକାର ସମ୍ପାଦକ ବସନ୍ତ କୁମାର ରାଉଳ, ସମ୍ମାନିତ ଅତିଥି ଭାବରେ ଡିହିରାକୁଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ରାୟବାବୁ, ନାଗପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଞ୍ଜନ କୁମାର ନାୟକ ଏବଂ ଗଦାଧର ବିଦ୍ୟାପୀଠ ଦୁଗଧାର ପ୍ରଧାନଶିକ୍ଷକ ବଳରାମ ଦାସ, ବିଦ୍ୟାଳୟ ଚେୟାରମ୍ୟାନ ରତ୍ନାକର ପରିଆଳ, ଉଦଳା ବ୍ଲକ ଚେୟାରମ୍ୟାନ




ମଞ୍ଜୁଲତା ବିଶ୍ୱାଳ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରି ମୋହନ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ କଳ୍ପଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ସିଂ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ଗୋପିନାଥ ନାଏକ, ରାଇମନ ନାଏକ, ଶିକ୍ଷୟିତ୍ରୀ ସବିତା ବେହେରା, ସବିତା ମୁର୍ମୁ, ସବିତା କବାଟ, ମାଳତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସାନଭୁଣ୍ଡୁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ମୋରଡା, ୧।୨(ସମିସ): ତିରିଂ ବ୍ଲକ ଅନ୍ତର୍ଗତ ସାନଭୁଣ୍ଡୁ ଆଶ୍ରମ ବିଦ୍ୟାଳୟର ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇରଙ୍ଗପୁର ସହକାରୀ ମଙ୍ଗଳ ଅଧିକାରୀ କମଳାକାନ୍ତ ସ୍ୱାଇଁ ମୁଖ୍ୟ ଅତିଥି, ଶିକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ତ୍ରିପାଠୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ବରିଷ୍ଠ ଶିକ୍ଷକ ରତ୍ନାକର ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟତମ ସ୍ୱତନ୍ତ୍ର ଅତିଥିଭାବେ ପଣ୍ଡୁପାଣି ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ବ୍ୟାଙ୍କ ଅଫ ବରୋଦା ପଣ୍ଡୁପାଣି ଶାଖାର ପରିଚାଳକ, ବଡଗୋମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସି କାହ୍ନୁ ଚରଣ ଗିରି, ପୂର୍ବତନ ସିଆରସିସି ପ୍ରଭାସ ଚନ୍ଦ୍ର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାଦା ଟୁଡୁ ଛାତ୍ରଛାତ୍ରୀଙ୍କ ଦିଗ୍‌ଦର୍ଶନ ଦେଇଥିଲେ।

## ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ଶୁଭାରମ୍ଭ

କପ୍ତିପଦା, ୧।୨(ସମସ): ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ କପ୍ତିପଦା ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ଶୁଭାରମ୍ଭ ହୋଇଛି। କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ୨୬ଟି ପଞ୍ଚାୟତର ୧୮୨ଜଣ ପ୍ରତିଯୋଗୀ ଯୋଗଦେଇ ୧୦୦ମିଟର, ୨୦୦ମିଟର, ୪୦୦ମିଟର ଲମ୍ବଡିଆଁରେ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ସିଦ୍ଧେଶ୍ୱର ନାୟକ, ଏବିଡିଓ ବିଦ୍ୟାଭାରତୀ ନାଏକ, ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସରେନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ କୁନୁ ମୁର୍ମୁ, ୩ ଓ ୪ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସିରୁ ସୋରେନ, ମାକୁ ସିଂ, ସୁବାଷ ଚନ୍ଦ୍ର ସାଏ ପ୍ରମୁଖ ମଞ୍ଚାସୀନ ଥିଲେ। ଆଦିବାସୀମାନଙ୍କର ଉନ୍ନତି ପାଇଁ ସରକାର ସବୁବେଳେ ଚେଷ୍ଟା କରି ଆସୁଛନ୍ତି। ଏହି ଉନ୍ନୟନ ପରିଷଦ ଜରିଆରେ ଆଦିବାସୀମାନଙ୍କ ଧାର୍ମିକ ପୀଠର ପୁନରୁଦ୍ଧାର ସହିତ ଆଦିବାସୀ ସଂସ୍କୃତି, ପରମ୍ପରା, ଭାଷା, ସାହିତ୍ୟକୁ ବିକଶିତ କରିବା ପାଇଁ ବାଦ୍ୟଯନ୍ତ୍ର, ଯୁବପିଢ଼ିଙ୍କ ପାଇଁ କ୍ରୀଡା ସାମଗ୍ରୀ ଯୋଗାଇଦିଆଯାଇଛି ବୋଲି ଶ୍ରୀମତୀ ହାଁସଦା କହିଛନ୍ତି। ରାଜକିଶୋର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଫୁଟବଲରେ ଯେଉଁମାନେ କୃତିତ୍ୱ ଅର୍ଜନ କରିବେ ସେମାନଙ୍କୁ ଜିଲ୍ଲା ସ୍ତରରେ ଖେଳିବାକୁ ସୁଯୋଗ ମିଳିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କରଞ୍ଜିଆ, ୧।୨(ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଉଦଯାପିତ ହୋଇଯାଇଛି। କୋର୍ଡିନେଟର ସ୍ୱର୍ଣ୍ଣମୟୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଦିବସରେ ମୁଖ୍ୟଅତିଥିଭାବେ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥିଭାବେ ପ୍ରଫେସର ସୁଭାଷ ଚନ୍ଦ୍ର ଜେନା, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ନିଜ ପାଇଁ କେତେ ଜରୁରୀ ତାହା ଉପରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୨୦ ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଛି ବୋଲି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସନ୍ଧ୍ୟାରାଣୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସନ୍ଧ୍ୟାରାଣୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲେପ୍ରା ସୋସାଇଟି ପକ୍ଷରୁ ଜାତୀୟ କୁଷ୍ଠ ଦିବସ

ରାଇରଙ୍ଗପୁର, ୧।୨(ସମିସ): ଗୋରୁମହିଷାଣୀ, ତିରିଙ୍ଗ, ବହଳଦା, ଜାମଦା, ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଲେପ୍ରାସୋସାଇଟିର ମିଳିତ ସହଯୋଗରେ ଉକ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଜାତୀୟ କୁଷ୍ଠ ଦିବସ ପାଳିତ ହୋଇଯାଇଛି। ରାଇରଙ୍ଗପୁର ବ୍ଲକର ଗୋରୁମହିଷାଣୀଠାରେ ଲେପ୍ରାକର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପରିଚାଳନାରେ ପ୍ରାୟ ଶତାଧିକ ମହିଳାଙ୍କୁ ନେଇ ବିରାଟ ଶୋଭାଯାତ୍ରା ବାହାରି ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ଛବିରାଣୀ ନାୟକ ଏବଂ ପିଏଚଇଓ ଭଜୁ ହେମ୍ବ୍ରମ ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ତିରିଙ୍ଗ ବ୍ଲକ ଭୋଲାଗଡ଼ିଆଠାରେ ୨୦ ଜଣ କୁଷ୍ଠ ଆକ୍ରାନ୍ତଙ୍କୁ ନେଇ ଏକ ସ୍ୱଯତ୍ନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସମସ୍ତ କୁଷ୍ଠ ଆକ୍ରାନ୍ତ ବ୍ୟକ୍ତିଙ୍କୁ ମାଗଣାରେ ଏମସିଆର୍ ଚପଲ, ସ୍ୱଯତ୍ନ କିଟ୍ ଏବଂ ଶୀତବସ୍ତ୍ର ଆଦି ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଏବଂ ତିରିଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ନରେନ୍ଦ୍ରନାଥ ମୁର୍ମୁଙ୍କ ସହାୟତାରେ ବଣ୍ଟନ କରାଯାଇଥିଲା। ବହଳଦା, ତିରିଙ୍ଗ, ଜାମଦା, ବିଜାତଳା ବ୍ଲକର ୪ଟି ଉଚ୍ଚ ବିଦ୍ୟାଳୟ ଏବଂ ଗୋଟିଏ ମହାବିଦ୍ୟାଳୟରେ ୫୦୦ ଛାତ୍ରଛାତ୍ରୀଙ୍କୁ କୁଷ୍ଠ ରୋଗ ଉପରେ ସଚେତନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ଜନଜାତି କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ଉଦଳା, ୧।୨(ସମିସ): ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଉଦଳା ବ୍ଲକ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବ୍ଲକର ସମସ୍ତ ୧୨ ଟି ପଞ୍ଚାୟତରୁ ପ୍ରତିଯୋଗୀ ଭାଗନେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ



ହୋଇଥିଲା। ଫୁଟବଲ ପାଇଁ ପ୍ରତି ପଞ୍ଚାୟତରୁ ଗୋଟିଏ ଟିମ୍ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ପାଇଁ ପ୍ରତି ପଞ୍ଚାୟତସ୍ତରରୁ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ତା ୩୦ ଓ ୩୧ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଥିଲା। ଫୁଟବଲ୍ ପ୍ରତିଯୋଗିତାର ପ୍ରତି ଖେଳାଳିଙ୍କୁ କିଟ୍ ବ୍ୟାଗ, ଟ୍ରାକ୍ ସୁଟ୍, ଯର୍ଶି ଓ ହାଫ୍ ପ୍ୟାଣ୍ଟ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଟିଡ଼ିଏ ଏ.ଡ଼ି.ଡବ୍ଲ୍ୟୁ.ଓ ରାକେଶ ରଞ୍ଜନ ବିଶ୍ୱାଳ, ଏସ୍.ଡି.ସି. ଚାମ୍ପିୟନ ଦୁର୍ଗାଚରଣ ଟୁଡୁ, ଜିଲ୍ଲା ପରିଷଦ ସଦସ୍ୟା ଲଳିତା ବିଶୋଇ, ସୁଶାନ୍ତି ସିଂହ ପ୍ରମୁଖ ଯୋଗଦେଇଥିଲେ। ସର୍ବଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ଼ା. ଦେବାଶିଷ ମାଣ୍ଡି ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତୃପ୍ତି ବରାଇ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍.ଏ.ସି.ର ଉପାଧ୍ୟକ୍ଷା ଲିଲି ଭୋଳ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଉଦଳା ବ୍ଲକ ରଜନୀ ଦାସ, ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସବିତା ହାଁସଦା, ଏସ୍.ଡ଼ି.ସି. ରିସର୍ସ ପର୍ସନ ଗୋବିନ୍ଦ ଚନ୍ଦ୍ର ନାୟକ, ସଭ୍ୟ ମିହିର ବିଶ୍ୱାଳ ଓ ଉଦଳା ଏନ୍.ଏ.ସି. ସଭାପତି ବନମାଳୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**ରାସଗୋବିନ୍ଦପୁର:** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକରେ ୨ ଦିନ ଧରି ଚାଲିଥିବା ବ୍ଲକ ସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ବ୍ଲକ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସଭାପତିତ୍ୱ ତଥା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ମାରାଣ୍ଡିଙ୍କ ପରିଚାଳନାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ସମ୍ମାନିତ ଅତିଥିଭାବେ ନାରୀନେତ୍ରୀ ପ୍ରୀତିନନ୍ଦା କାନୁନଗୋ, ବିଡ଼ିଓ ହିମାଂଶୁ ରାଉତ, ଜନଜାତି କ୍ରୀଡାର ସଂଯୋଜକ ମାନ୍ଦା ଭାଇ, ୪୮ ନମ୍ବର ଜିଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ, ୪୭ନମ୍ବର ଜିଲା ପରିଷଦ ସଦସ୍ୟ ଦଶରଥ ରାମ, ସଦର ରାସଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ସୁଧାଂଶୁ କୁମାର ନାୟକ, ଝାଟିଅଡା ପଞ୍ଚାୟତ ସରପଞ୍ଚ ବୁଦ୍ଧିଆ ମୁର୍ମୁ, ନାକିଚୁଆ ପଞ୍ଚାୟତର ସରପଞ୍ଚ ରୁଣ୍ଡୁ ହାଁସଦା, ସାରୁମଳା



ପଞ୍ଚାୟତର ସରପଞ୍ଚ ମନୋରଞ୍ଜନ ସିଂ, ଯୁବନେତା ଉତ୍ତମ କୁମାର ମହାନ୍ତି, ସାମାଜିକ କର୍ମୀ ବିନୋଦ ବିହାରୀ ଦାସ, ଘନ ମୁର୍ମୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ସରକାରଙ୍କ ଜନଜାତିର ସର୍ବାଙ୍ଗୀନ ବିକାଶ ପାଇଁ ଜନଜାତି କ୍ରୀଡା ଉତ୍ସବ ଅନ୍ୟତମ ବୋଲି କହିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**କୁଆଁମରା:** ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜୟପୁର ପଞ୍ଚାୟତ ଡମ୍ବରୁଡିହି ପଡ଼ିଆରେ ଚାଲିଥିବା ଦୁଇ ଦିନିଆ ବ୍ଲକ ସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ କରୁଣାକର ଧିନ୍ଦା, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷା ରଶ୍ମିତା



ଚୌଧୁରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, କୁଶଳଦା ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସିଂ, ବିଜେଡି ବ୍ଲକ ସଭାପତି ସତ୍ୟବାନ ଉପାଧ୍ୟାୟ, ଜିଲ୍ଲା ବିଜେଡି ସମ୍ପାଦକ ମାନସ ରଞ୍ଜନ ମହାରଣା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବିଜେଡି ମହିଳା ଜିଲ୍ଲା କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ବ୍ଲକ ଯୁବ ସଭାପତି ତପନ ମହାନ୍ତି, ଯୁବ ନେତା ସନାତନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଫୁଟବଲ ପ୍ରଭୃତି ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭଣ୍ଡ ଗାଁ ଓ ପୁରୁଣା ବାରିପଦା ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଫୁଟବଲ ଖେଳରେ ଭଣ୍ଡ ଗାଁ ଦଳ ଚାମ୍ପିଅନ ହୋଇଥିଲା। ଚାମ୍ପିଆନ ଦଳକୁ ୫ ହଜାର ଓ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ଯୁବ ଖେଳାଳି କେଶର ମାରାଣ୍ଡି ଓ ରାମଚନ୍ଦ୍ର ମୁର୍ମୁଙ୍କୁ ମଧ୍ୟ ଚାମ୍ପିଅନ ଘୋଷଣା କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, କୁନୁ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।

